ଧରିତ୍ରୀ
DHARITRI
March 1-7, 2020 ₹ 2/-

# ଛୁଟିଦିନ



## ନାରୀ ଯେବେ ସାଜେ ପୁରୁଷ

୩
ପ୍ରଚ୍ଛଦ ପ୍ରସଙ୍ଗ

ଦିନ ଥିଲା ଯେତେବେଳେ ପ୍ରତି କ୍ଷେତ୍ରରେ ନାରୀମାନଙ୍କ ଉପରେ ପ୍ରତିବନ୍ଧକ ଲଗା ଯାଇଥିଲା। ସମଗ୍ର ବିଶ୍ୱ ରହିଥିଲା ପୁରୁଷମାନଙ୍କ ହାତରେ। ଅଧିକାଂଶ ନାରୀ ଏହି ପୁରୁଷ କୈନ୍ଦ୍ରିକତାକୁ ବରଦାସ୍ତ କରି ଯାଉଥିଲେ। ମାତ୍ର ସେମାନଙ୍କ ମଧ୍ୟରେ ଏମିତି କେତେଜଣ ଥିଲେ ଯେଉଁମାନେ ପୁରୁଷ ପ୍ରାଧାନ୍ୟକୁ ସହଜରେ ଗ୍ରହଣ କରି ନ ପାରି ନିଜେ ପୁରୁଷ ବେଶ ଧରି ନିଜକୁ ପୁରୁଷଙ୍କ ସହିତ ସମକକ୍ଷ ବୋଲି ପ୍ରମାଣିତ କରିଥିଲେ...







୮/୯
ସିନେମା



୧୩
ସହରଠୁ ଦୂର

# ପର୍ସରେ ରଖିଲେ କମିବ ଖର୍ଚ୍ଚ

**ଟ**ଙ୍କା ରଖିବା ପାଇଁ ସମସ୍ତେ ପର୍ସ ରଖନ୍ତି। ଟଙ୍କା ସହ ସେଥିରେ ଅନେକ ଆବଶ୍ୟକୀୟ ଜିନିଷ ବି ରଖନ୍ତି। ତେବେ ଅନେକେ ଅଭିଯୋଗ କରନ୍ତି ଯେ, ଟଙ୍କା ବହୁତ ଖର୍ଚ୍ଚ ହୋଇଯାଉଛି। ଯଦି ଏମିତି ଆପଣଙ୍କ କ୍ଷେତ୍ରରେ ବି ହେଉଛି ତେବେ ନିମ୍ନୋକ୍ତ ଉପାୟ ଆପଣାନ୍ତୁ, ଯଦ୍ୱାରା ଖର୍ଚ୍ଚ କମ୍ ହେବା ସହ ଟଙ୍କାର ଅଭାବ ରହିବ ନାହିଁ।



୧. ପର୍ସରେ ଛୋଟ ନଡିଆ ରଖନ୍ତୁ। ଛୋଟ ପର୍ସରେ ଜାଗା ନ ହେଲେ ବଡ ପର୍ସରେ ରଖିପାରିବେ।

୨. ଓସ୍ତପତ୍ରକୁ ନ ମୋଡି ରଖନ୍ତୁ, ଯଦ୍ୱାରା ଆପଣଙ୍କର ଅଯଥା ଖର୍ଚ୍ଚ ହେବନାହିଁ କି ଅଭାବ ରହିବ ନାହିଁ।

୩. ପର୍ସରେ ବିଷମ ସଂଖ୍ୟାରେ ଗୋମତି ଚକ୍ର ରଖନ୍ତୁ। ଏହାଦ୍ୱାରା ଟଙ୍କା ପଇସାର ଅଭାବ ରହିବ ନାହିଁ। ଆପଣ ମାନସିକ ରୂପରେ ବି ମଜଭୁତ ରହିବେ। ତାସହ ଭବିଷ୍ୟତରେ ଆପଣଙ୍କ ଆର୍ଥିକସ୍ଥିତି ଭଲ ରହିବ।

୪. ଓଭାଲ ହ୍ୱାଇଟ୍ ଷ୍ଟୋନ୍‌କୁ ପର୍ସରେ ରଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ସବୁବେଳେ ଖୁସି ମିଳିବ। ନିଜ କାମକୁ ନେଇ ସବୁବେଳେ ସକାରାତ୍ମକ ରହିବେ। ଆଉ ଖୁସି ରହିଲେ ସଫଳତା ନିଶ୍ଚୟ ମିଳିବ।



# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୧-୭

**ମେଷ**
କର୍ମଦକ୍ଷତାରୁ ସମ୍ମାନ, ସଭାସମିତିକୁ ନିମନ୍ତ୍ରଣ, ପ୍ରଶାସନିକ ତତ୍ପରତା, କ୍ରୀଡା, ଚଳଚ୍ଚିତ୍ରରେ ସୁନାମ, ଯାନବାହନ ଲାଭ, ଆତ୍ମୀୟମାନଙ୍କ ସାହାଯ୍ୟ, ସରକାରୀ ସାହାଯ୍ୟ, ମାଙ୍ଗଳିକ କାମ, ଦୂରଯାତ୍ରା ।।

**ବୃଷ**
ପାରିବାରିକ ସୌଖ୍ୟ, କର୍ମକ୍ଷେତ୍ରରେ ଗୌରବ, ଅର୍ଥଲାଭ, ସୁଖ ସୌଭାଗ୍ୟ ପ୍ରାପ୍ତି। ବୃଥାଭ୍ରମଣ। ମାନସିକ ଦ୍ୱନ୍ଦ୍ୱ, ସାମ୍ବାଦିକତାରୁ ଶତ୍ରୁତା, ରାଜନୀତିରେ ଅଶାନ୍ତି, କାରିଗରିରୁ ଲାଭ।

**ମିଥୁନ**
ନିଜ ପରିସରରେ ସମ୍ବର୍ଦ୍ଧନା, ସଭାସମିତିରେ ସମ୍ମାନ, ବିଶିଷ୍ଟ ବ୍ୟକ୍ତିଙ୍କ ସାହଚର୍ଯ୍ୟ, ଅସାଧ୍ୟ ସାଧନ। କର୍ମକ୍ଷେତ୍ରରେ ପଡିଆରା ବୃଦ୍ଧି, ଖର୍ଚ୍ଚ ପରିମାଣ ବଢିବ, ଦୁଃସ୍ଥ ମାନସିକତା, ବନ୍ଧୁମିଳନ, ଶୁଭକାର୍ଯ୍ୟ।

**କର୍କଟ**
ଉନ୍ନତ ଚିନ୍ତା, ସୁଚିନ୍ତିତ କାର୍ଯ୍ୟଧାରା, ସୁନାମ ପାଇବେ, ଉଚ୍ଚପଦବୀ ମିଳିବ, ବନ୍ଧୁବର୍ଗରେ ଆଦର। ସ୍ୱାସ୍ଥ୍ୟରେ ଉନ୍ନତି, ଅନଟନର ଚିନ୍ତା, ଯାତ୍ରାରେ ସମସ୍ୟା, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ପ୍ଲଟିଙ୍ଗ ବ୍ୟବସାୟରେ ଉନ୍ନତି, ନୂତନ ଉଦ୍ୟୋଗ କରିବେ।

**ସିଂହ**
ଯାତ୍ରାରେ ଲକ୍ଷ୍ୟ ପୂରଣ, ଆରୋଗ୍ୟ ଲାଭ, ଅର୍ଥନୈତିକ ସମସ୍ୟା, ବନ୍ଧୁଙ୍କ ସାହାଯ୍ୟ, ଖଳଲୋକଙ୍କ ଅପପ୍ରଚାର, ବିଦେଶଯାତ୍ରାର ସୁଯୋଗ, ମହାଜନୀ ଚାପ, ସ୍ତ୍ରୀଙ୍କ ସୁପରାମର୍ଶ, ନୂତନ ବସ୍ତ୍ରଭୂଷଣ ପ୍ରାପ୍ତି।

**କନ୍ୟା**
ପଡୋଶୀଙ୍କ ସାହାଯ୍ୟ, ଜମିଜମା ଲାଭ, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ଅଫିସ୍‌ରେ ବିବାଦ। ସହକର୍ମୀଙ୍କ କଟୁକ୍ତି, ଅପମାନିତ ହୋଇପାରନ୍ତି, ବ୍ୟବସାୟିକ ପ୍ରତିଦ୍ୱନ୍ଦିତା।

**ତୁଳା**
ଧର୍ମକାର୍ଯ୍ୟ, ଆତ୍ମୀୟଙ୍କ ସହଯୋଗ, ବନ୍ଧୁବର୍ଗରେ ଶତ୍ରୁତା। ସ୍ୱାସ୍ଥ୍ୟ ସମସ୍ୟା, ସୁଚିନ୍ତିତ କର୍ମଯୋଜନା। ଶୃଙ୍ଖଳିତ ଜୀବନଯାତ୍ରା, କଳାରେ ଉତ୍କର୍ଷ, ପରିବହନରେ ଝଗଡା, ବ୍ୟବସାୟରେ ଉନ୍ନତି, ଗୃହଜମି ଲାଭ।

**ବିଛା**
ଅତୀତ ଚିନ୍ତାରୁ ମନସ୍ତାପ, ସ୍ଥଗିତକାର୍ଯ୍ୟରୁ ଦୁଃଖ, ପ୍ରିୟବନ୍ଧୁଙ୍କ ପରାମର୍ଶ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ପରିବହନରେ ଝଗଡା, ଦୁର୍ବଳ ଆର୍ଥିକ ସ୍ଥିତି, ଉଚ୍ଚଶିକ୍ଷାର ସୁଯୋଗ, ଆଇନ ଅଦାଲତରେ ବିଜୟ, ପ୍ରତିଯୋଗିତାରେ ସଫଳତା ।

**ଧନୁ**
କାର୍ଯ୍ୟ ସାଧନରେ ବିଳମ୍ବ, ଅପବ୍ୟୟରୁ ବିରକ୍ତି, ଦୂରଯାତ୍ରାରେ ସମସ୍ୟା, ପଦସ୍ଥ ବ୍ୟକ୍ତିଙ୍କ ସହାୟତା, ଗଠନମୂଳକ କାର୍ଯ୍ୟ, ଶେୟାର ବଜାରରୁ ଲାଭ, ପ୍ରକଳ୍ପ କାର୍ଯ୍ୟାରମ୍ଭ, ରପ୍ତାନିରେ ସମସ୍ୟା, ପାରିବାରିକ ବିତର୍କ, ଧର୍ମକାର୍ଯ୍ୟରେ ବାଧା।

**ମକର**
କାର୍ଯ୍ୟରେ ଅଗ୍ରଗତି, ସମସ୍ୟା ଦୂରେଇବ, ଉପରିସ୍ଥଙ୍କ ଅନୁକମ୍ପା, ଯାନବାହନ କ୍ରୟ, ଲୋକ ସମ୍ପର୍କରେ ଉନ୍ନତି, ଋଣ କରିବେ, ସିଦ୍ଧାନ୍ତ ବଦଳିବ, ଯୋଜନା ଅଟକିବ, ନିର୍ମାଣ କାମରେ ଦ୍ୱନ୍ଦ୍ୱ, ସଭାସମିତିକୁ ଆହ୍ୱାନ, ମାଙ୍ଗଳିକ କାର୍ଯ୍ୟରେ ଅଶାନ୍ତି।

**କୁମ୍ଭ**
କାର୍ଯ୍ୟରେ ବିଶୃଙ୍ଖଳା, ମାନସିକ ଅସ୍ଥିରତା, ବାଣିଜ୍ୟରେ ପ୍ରତିବନ୍ଧକ, ଧୈର୍ଯ୍ୟଚ୍ୟୁତି ଘଟିବ, ବନ୍ଧୁଙ୍କୁ ସନ୍ଦେହ, ଆର୍ଥିକ ସ୍ଥିତି ବଦଳିବ, ମାଲିମକଦ୍ଦମାରୁ ଦୁଶ୍ଚିନ୍ତା, ଆମଦାନୀ କାରବାର ବୃଦ୍ଧି, ହୋଟେଲ ଶିଳ୍ପରୁ ଲାଭ, ପରୀକ୍ଷାରେ ସମସ୍ୟା, ଆତ୍ମୀୟଙ୍କ ବିରୋଧ।

**ମୀନ**
ଶାରୀରିକ ଅସୁସ୍ଥତା, ପାରିବାରିକ ସହାୟତା, ନିଷ୍ପତ୍ତିରେ ମତପାର୍ଥକ୍ୟ, କୃତି କୃତିତ୍ୱରୁ ପ୍ରଶଂସା, ଶିକ୍ଷାରେ ଉନ୍ନତି, ରଚନାତ୍ମକ କାର୍ଯ୍ୟ, ଲୋକକଳାରୁ ସମ୍ମାନ, ଶିଳ୍ପାୟନରେ ବିଦ୍ରୋହ, ଦୂରଯାତ୍ରା।

# ମହାକାଶରେ ତିଆରି ହେଲା ପ୍ରଥମ ବିସ୍କୁଟ୍

**ଇ**ଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍‌ରେ ଇଟାଲିର ମହାକାଶଚାରୀ ପ୍ରଥମ ଥର ପାଇଁ ବେକିଂ କରିଛନ୍ତି। ବେକିଂ କରି ସେ ମହାକାଶରେ ପ୍ରଥମ କୁକିଜ୍ ବା ବିସ୍କୁଟ ପ୍ରସ୍ତୁତ କରିଛନ୍ତି। ଏହାକୁ ତିଆରି କରିବା ପାଇଁ ତାଙ୍କୁ ୨ ଘଣ୍ଟା ସମୟ ଲାଗିଥିଲା। ଏ ପର୍ଯ୍ୟନ୍ତ ଏହାକୁ କେହି ଚାଖି ନାହାନ୍ତି। ଏହା ଦେଖିବାକୁ ବି ସାଧାରଣ ବିସ୍କୁଟ ପରି ନୁହେଁ। ଏହାକୁ ସ୍ପେସ୍ ଫ୍ଲାଇଟ୍ କଣ୍ଟେନର୍‌ରେ ହ୍ୟୁଷ୍ଟନ୍‌ର ଫ୍ରୋଜେନ୍ ଲ୍ୟାବରେ ସୁରକ୍ଷିତ ରଖାଯାଇଛି। ପ୍ରଥମଥର ପାଇଁ ମହାକାଶରେ କଞ୍ଚା ଜିନିଷକୁ ବେକ୍ କରି ଖାଦ୍ୟ ପ୍ରସ୍ତୁତ କରିବାକୁ ଏହି ପ୍ରୟାସ୍ କରାଯାଇଥିଲା। ଏଥିପାଇଁ ଏକ ଖାସ୍ ଓଭନ୍ ତିଆରି କରାଯାଇଥିଲା। ଇଟାଲିର ଅନ୍ତରୀକ୍ଷ ଯାତ୍ରୀ ଲୁସା ପରମିତାନୋ ଏହି କୁକି ପୂର୍ବରୁ ଆଉ ଚାରୋଟି କରିବାକୁ ବି ପ୍ରୟାସ୍ କରିଥିଲେ, ହେଲେ ସେଥିରେ ସଫଳ ହୋଇ ନ ଥିଲେ। ଶେଷରେ ପଞ୍ଚମ ଥରରେ ସଫଳ ହେଲେ ଏବଂ ଆଶାନୁରୂପ ଫଳ ପାଇଲେ।



# ପାଠକୀୟ

■ ପ୍ରଚ୍ଛଦ ପ୍ରସଙ୍ଗ 'ପହିଲି ଗାଡି'–ଜୀବନରେ ପ୍ରଥମ ଥର ବସ୍‌ରେ ଯାତ୍ରା କରିଥିବା ଆମ ସମାଜର କିଛି ବରିଷ୍ଠ, ବରେଣ୍ୟ, ସୁନାମଧନ୍ୟ କୃତୀ ସନ୍ତାନମାନଙ୍କ ଅଭିଜ୍ଞତା ପଢିଲୁ। ନିଜ ପିଲାଦିନର ଏହି ଅପୂର୍ବ ମୁହୂର୍ତ୍ତକୁ ସେମାନେ ଆଜିଯାଏ ମନେରଖି ସୁନ୍ଦର ଭାବେ ପାଠକ/ପାଠିକାମାନଙ୍କୁ ପରଷି ଦେଇଛନ୍ତି। ସେହିପରି ଗଳ୍ପ ଓ କବିତାଗୁଡ଼ିକ ବି ଚମତ୍କାର ହୋଇଥିଲା। ଅନ୍ୟପକ୍ଷେ ପଶ୍ଚିମ ଓଡ଼ିଶାରେ ବି ଏକ ଧବଳେଶ୍ୱର ପୀଠ ରହିଛି ବୋଲି ଏହି ସଂଖ୍ୟାର ଛୁଟିଦିନରୁ ଜାଣି ଖୁସି ଲାଗିଲା।

*–ଅପରାଜିତା ନାୟକ, ସ୍ୱର୍ଣ୍ଣପ୍ରଭା ଯେନା, ଏରେଇଁ, ଚରମ୍ପା, ଭଦ୍ରକ*

■ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ପହିଲି ଗାଡ଼ି'ଟିକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ଏଥିରୁ ବହୁ ବରିଷ୍ଠ ବ୍ୟକ୍ତିମାନଙ୍କର ସେ ସମୟର ଥିବା ଅନୁଭୂତିକୁ ପଢି ଯେତିକି ମଜା ଲାଗୁଥିଲା ତା'ଠାରୁ ଅଧିକ ଖୁସି ଲାଗୁଥିଲା ସେହି ପୁରୁଣା ଦିନର ଅଜଣା କଥାଗୁଡ଼ିକୁ ପଢି। ''କେଉଁଠାରେ କ'ଣ ନିଷିଦ୍ଧ'' ପାଠଟି ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ସେହିପରି 'ନିଆରା ରେକର୍ଡ' ପାଠଟି ସତରେ ଭାରି ନିଆରା ବିଷୟ ଥିଲା।

*–ଭବାନୀ ଶଙ୍କର ପଣ୍ଡା, ସମ୍ବଲପୁର*

■ ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଲେଖକ ଅମିଶ୍ ତ୍ରିପାଠୀଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'କାଗଜଡଙ୍ଗା ଓ କାଗଜଫୁଲର ସ୍ୱପ୍ନ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ ଅଭିନେତା, ଅଭିନେତ୍ରୀମାନଙ୍କ ରିଲ୍ ଓ ରିୟଲ୍ ଲାଇଫ୍ ସମ୍ପର୍କିତ ଲେଖାଗୁଡ଼ିକୁ ଖୁବ୍ ସୁନ୍ଦର ଢଙ୍ଗରେ ଉପସ୍ଥାପନା କରାଯାଇଥିବାରୁ ପଢିବାକୁ ଭଲ ଲାଗିଲା।

*–ମନୋଜ ବଳିୟାରସିଂହ, ଝାରସୁଗୁଡ଼ା*

■ ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ଅବସରପ୍ରାପ୍ତ ଅତିରିକ୍ତ ଜିଲାପାଳ ନିରଞ୍ଜନ ଦାସଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢି ଭାରି ଖୁସି ଲାଗିଲା। ସେହିପରି ବିବିଧ କଳାରେ ନିପୁଣ ଫରେଷ୍ଟର ମାନସ ରଞ୍ଜନ ସାହୁଙ୍କ ନିଶା ଓ ପେସା ସମ୍ପର୍କରେ ପ୍ରକାଶ ପାଇଥିବା ସ୍ୱତନ୍ତ୍ର ଆଲେଖ୍ୟଟି ଆଜିର ଯୁବପିଢିଙ୍କ ପାଇଁ ସତରେ ଏକ ପ୍ରେରଣାଦାୟୀ ବିଷୟ ଥିଲା। ହାଃ ହାଃ ଖୁବ୍ ମଜାଳିଆ ହୋଇପାରୁଛି।

*–ସ୍ୱାଗତିକା ମହାନ୍ତି, କେନ୍ଦ୍ରାପଡ଼ା*

■ ବିବିଧା ପୃଷ୍ଠାରେ ସ୍ଥାନିତ 'ରଙ୍ଗିନ ବାଦଲ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ରବର ବ୍ୟାଣ୍ଡ ଡ୍ରେସ୍', 'ସବୁଠୁ ବଡ଼ ଟେବୁଲ୍ ଟେନିସ୍ ବ୍ୟାଟ୍' ଏବଂ 'ନୁଡଲ କେକ୍' ଆଦି ପାଠଗୁଡ଼ିକ ଭାରି ଆଶ୍ଚର୍ଯ୍ୟକର ଥିଲା। କାର୍ଟୁନ କର୍ନର ବି ଭାରି ମଜାଦାର୍ ହୋଇପାରୁଛି।

*–ଭୁବନେଶ୍ୱରୀ ଦାଶ, ନୟାଗଡ଼*

## ବିଶେଷ ଚିଠି



**ଖ**ବରକାଗଜ ସହିତ ଆସଇ
ଅତିରିକ୍ତ ଫର୍ଦ୍ଦମାନ,
ପ୍ରତି ରବିବାରେ ଧରିତ୍ରୀ ସହିତ
ଆସିଥାଏ ଛୁଟିଦିନ।
ରଙ୍ଗ ବେରଙ୍ଗର ଛବି ସହ ଆସେ
ମନଛୁଆଁ ଲେଖାମାନ,
ବାଳକଠୁ ବୃଦ୍ଧ ସବୁ ପାଠକଙ୍କ
ମୋହି ନେଇଥାଏ ମନ।
ସିନେମା ଖବର ସାଥୀର ଉତ୍ତର
ଯାତ୍ରା କଳାକାର କଥା,
ଭାରି ଭଲ ଲାଗେ ସୃଜନ ପୃଷ୍ଠାର
ପ୍ରତ୍ୟେକ ଗପ, କବିତା।

*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com




# ନାରୀ ଯେବେ ସାଜେ ପୁରୁଷ

ଈଶ୍ୱର ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ରଖି ସୃଷ୍ଟି କରିଛନ୍ତି ନାରୀ ଓ ପୁରୁଷ। ତେବେ ବେଳେବେଳେ ଏମିତି ସମୟ ଆସିଛି ଯେତେବେଳେ ନାରୀଟିଏ ପୁରୁଷ ସାଜିବା ପାଇଁ ବାଧ ହୋଇଛି। ଏମିତି ଏକ ଲୋକପ୍ରିୟ ଉଦାହରଣ ରହିଛି ମହାଭାରତରେ। ସୁଧନ୍ୱା ନାମରେ ଜଣେ ରାଜପୁତ୍ର ଥିଲେ। ସେ ଥିଲେ ବିବାହିତ। ଇନ୍ଦୁମତୀ ନାମରେ ଜଣେ ସୁନ୍ଦରୀ ଯୁବତୀ ତାଙ୍କୁ ଭଲପାଇ ବସିଲେ। ଆଉ ପ୍ରେମ ନିବେଦନ କଲେ। ମାତ୍ର ବିନମ୍ରତାର ସୁଧନ୍ୱା କହିଲେ ଯେ, ସେ ବିବାହିତ। ତେଣୁ ଅନ୍ୟ କୌଣସି ନାରୀଙ୍କୁ ସେ ଗ୍ରହଣ କରିବେ ନାହିଁ। ଏଥିରେ ଅପମାନିତ ହୋଇ ଇନ୍ଦୁମତୀ ଗଙ୍ଗାନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ବାହାରିଲେ। ସେତିକିବେଳେ ଦେବୀ ଗଙ୍ଗା ଆବିର୍ଭାବ ହୋଇ କହିଲେ, ତମେ ଆତ୍ମହତ୍ୟା କରନି। ତା' ପରିବର୍ତ୍ତେ ପୁରୁଷ ରୂପ ଧାରଣ କରି ସୁଧନ୍ୱାଙ୍କ ନିକଟକୁ ଯାଅ। ମୋ ଆଶୀର୍ବାଦରୁ ସେ ତୁମକୁ ଅଙ୍ଗରକ୍ଷୀ ଭାବରେ ଗ୍ରହଣ କରିବେ। ଫଳରେ ତୁମେ ସବୁବେଳେ ତାଙ୍କର ପାଖେପାଖେ ରହିବ। ତାଙ୍କ ସଖ୍ୟ, ସାନ୍ନିଧ ଆଉ ସାହଚର୍ଯ୍ୟ ପାଇପାରିବ। ତାହା ହିଁ ହେଲା। ଇନ୍ଦୁମତୀ ପୁରୁଷ ରୂପ ଧାରଣ କରି ସୁଧନ୍ୱାଙ୍କର ଅଙ୍ଗରକ୍ଷୀ ସାଜିଲେ। ଯେତେବେଳେ ଅର୍ଜୁନଙ୍କ ସହ ସୁଧନ୍ୱାଙ୍କର ଯୁଦ୍ଧହେଲା ଆଉ ଅର୍ଜୁନ ସୁଧନ୍ୱାଙ୍କ ଉପରକୁ ବ୍ରହ୍ମଶର ନିକ୍ଷେପ କଲେ ସେତେବେଳେ ସୁଧନ୍ୱାଙ୍କ ଆଗରେ ଯାଇ ଠିଆ ହୋଇଗଲେ ଯୁବକ ରୂପୀ ଇନ୍ଦୁମତୀ। ବ୍ରହ୍ମଶର ତାଙ୍କ ଦେହରେ ବାଜିଲା। ସେଇଠି ସୁଧନ୍ୱା ଇନ୍ଦୁମତୀଙ୍କର ଅସଲ ସ୍ୱରୂପ ଜାଣିଲେ ଆଉ ମରିବା ପୂର୍ବରୁ ଇନ୍ଦୁମତୀଙ୍କୁ ନିଜର ପ୍ରିୟତମା ବୋଲି ସ୍ୱୀକାର କଲେ।

ଏହା ଏକ କାଳ୍ପନିକ କାହାଣୀ ହୋଇପାରେ। ମାତ୍ର ବାସ୍ତବ ଜୀବନରେ ବି ଘଟିଛି ଏମିତି ଅନେକ ଘଟଣା, ଯେଉଁଠି ଗୋଟିଏ ନାରୀ ପୁରୁଷ ବେଶ ଧାରଣ କରିଛି। ପୁରୁଷ ପ୍ରାଧାନ୍ୟ ସମାଜକୁ ପରିହାସ କରିଛି। ଆଉ ନିଜର ଲକ୍ଷ୍ୟ ସାଧନ କରିଛି।


**ବିଦ୍ରୋହରୁ ବଦଳିଲା ବେଶ :** ସଂକ୍ଷେପରେ ଜେମ୍ସ ବେରୀ। ମାତ୍ର ସମ୍ପୂର୍ଣ୍ଣ ସାର୍ଟିଫିକେଟ୍ ନାମ ଜେମ୍ସ ମିରାଣ୍ଡା ଷ୍ଟିୱାର୍ଟ ବେରୀ। ବ୍ରିଟିଶ୍ ଆର୍ମିର ସେ ଜଣେ ମିଲିଟାରୀ ସର୍ଜନ (ଡାକ୍ତର) ଥିଲେ। ଜେମ୍ସ ବେରୀଙ୍କ ଜନ୍ମ ଆୟର୍ଲାଣ୍ଡର କର୍କ। ୟୁନିଭର୍ସିଟି ଅଫ୍ ଇଡେନବରାର ମେଡିକାଲ ସ୍କୁଲ୍‌ରୁ ବେରୀ ମେଡ଼ିକାଲ ଡିଗ୍ରୀ ହାସଲ କରିଥିଲେ। ତାଙ୍କର ପ୍ରଥମ ପୋଷ୍ଟିଙ୍ଗ ହୋଇଥିଲା ସାଉଥ୍ ଆଫ୍ରିକାର କେପ୍ ଟାଉନ୍‌ରେ। ପରେ ପରେ ସେ ବ୍ରିଟିଶ ସାମ୍ରାଜ୍ୟରେ ପ୍ରବେଶକଲେ ଏବଂ ଜଣେ ଇନ୍‌ସପେକ୍ଟର ଜେନେରାଲ ର୍‌ୟାଙ୍କ ଭାବରେ ରିଟାୟାରମେଣ୍ଟ କରିଥିଲେ। ସମଗ୍ର ଜୀବନକାଳ ମଧ୍ୟରେ ଜେମ୍ସ ବେରୀ ଥିଲେ ଜଣେ ସଫଳ ପୁରୁଷ। ସଫଳ ମେଡ଼ିକାଲ ଅଫିସର। ଦୃଢ଼ମନା ଏବଂ ପ୍ରତିଶ୍ରୁତିବଦ୍ଧ। ତେବେ ଯଦି ଏକଥା କୁହାଯାଏ ଯେ, ଜେମ୍ସ ବେରୀ ବାସ୍ତବରେ ଜଣେ ପୁରୁଷ ନ ଥିଲେ। ସେ ଥିଲେ ଜଣେ ନାରୀ। ହୁଏତ ଏକଥା କାହାରିକୁ ବିଶ୍ୱାସ ହୋଇ ନ ପାରେ। ମାତ୍ର ଏହା ହିଁ ସତ୍ୟ। ସମଗ୍ର ଜୀବନ ପୁରୁଷ ଭାବରେ ଅତିବାହିତ କରିଥିବା ଏହି ବ୍ୟକ୍ତିତ୍ୱ ଜଣକ ଥିଲେ ଜଣେ ନାରୀ। ଆଉ ସେ ନାରୀ ବୋଲି ଜଣାପଡ଼ିବା ବେଳକୁ ତାଙ୍କୁ ଚାକିରିରୁ ଅବସର ମିଳି ସାରିଥିଲା। ପୁରୁଷ ଭାବରେ ସମଗ୍ର ବ୍ରିଟିଶ ସେନା ଯାହାଙ୍କୁ ଜେମ୍ସ ବେରୀ ବୋଲି ଜାଣିଥିଲା ବାସ୍ତବରେ ତାଙ୍କର ନାରୀ ନାମ ଥିଲା ମାର୍ଗାରେଟ୍ ଆନ୍ ବଲ୍‌କଲେ। ନାରୀ ହୋଇ ବି ପୁରୁଷ ବେଶ ଧାରଣ କରି ସମଗ୍ର ଜୀବନକୁ ଜଣେ ପୁରୁଷ ଭାବରେ ଅତିବାହିତ କରିବା ପଛରେ ଥିଲା ଏ ପୁରୁଷ ପ୍ରାଧାନ୍ୟ ସମାଜ ପ୍ରତି ବିଦ୍ରୋହ। ବାସ୍ତବରେ ଖୁବ୍ ପିଲାଟି ବେଳୁ ମାର୍ଗାରେଟ୍ ଭାବି ନେଇଥିଲେ ଯେ, ସେ ଡାକ୍ତରୀ ପଢ଼ିବେ ଆଉ ଜଣେ ଡାକ୍ତର ହେବେ। ମେଡ଼ିକାଲ ପଢ଼ିବା ତାଙ୍କର ଥିଲା ଗୋଟେ ସୁଦୂରପ୍ରସାରୀ ସ୍ୱପ୍ନ। ସେ ଧୀରେ ଧୀରେ ବଡ଼ ହେଲେ। ପୂର୍ଣ୍ଣ ଯୌବନା ନାରୀରେ ରୂପାନ୍ତରିତ ହେଲେ। ଖୁବ୍ ଭଲ ପାଠ ମଧ୍ୟ ପଢୁଥିଲେ। ମେଡ଼ିକାଲ କଲେଜରେ ନାମ ଲେଖାଇବା ପାଇଁ ଯେଉଁ ଯୋଗ୍ୟତା ଦରକାର ସେସବୁ ଥିଲା ମାର୍ଗାରେଟ୍‌ଙ୍କ ନିକଟରେ। ହେଲେ ୟୁନିଭର୍ସିଟି ଅଫ୍ ଇଡେନବରା ପକ୍ଷରୁ ସ୍ପଷ୍ଟ ମନା କରିଦିଆଗଲା ଯେ, ଝିଅମାନଙ୍କୁ ମେଡ଼ିକାଲ ପଢ଼ିବା ମନା। ଏହା ହେଉଛି ଊନବିଂଶ ଶତାବ୍ଦୀର ଆଦ୍ୟ ସମୟର କଥା, ଯେତେବେଳେ ନାରୀମାନଙ୍କୁ ଘର ଭିତରର ଏକ କୋଣଠେସା ସାମଗ୍ରୀ ବୋଲି ମନେକରା ଯାଉଥିଲା। ମାତ୍ର ମାର୍ଗାରେଟ୍ ପ୍ରଥମରୁ ଥିଲେ ଦୃଢ଼ମନା। ସେ ସମାଜର ଏହି ନିୟମକୁ ସ୍ୱୀକାର କରିପାରିଲେ ନାହିଁ। ବିଦ୍ରୋହିଣୀ ପାଲଟିଗଲେ। ନିଷ୍ପତ୍ତି ନେଲେ ନିଜକୁ ପୁରୁଷ ବେଶରେ ସଜେଇବେ। ଆଉ ସେହି ୟୁନିଭର୍ସିଟି ଅଫ୍ ଇଡେନବରାରେ ମେଡ଼ିକାଲ ପଢ଼ିବେ। ୧୮୦୯ ନଭେମ୍ବରରେ ଜଣେ ପୁଅର ବେଶ ଧାରଣ କରି ମାର୍ଗାରେଟ୍ ମେଡ଼ିକାଲ କଲେଜରେ ଭର୍ତ୍ତିହେଲେ। ତାଙ୍କର ନାମ ବଦଳି ଯାଇଥିଲା। ସେ ମାର୍ଗାରେଟ୍‌ରୁ ପାଲଟିଯାଇଥିଲେ ଜେମ୍ସ ବେରୀ। ତାଙ୍କ ଦେହର ଗଢ଼ଣ ଖୁବ୍ ପତଳା ଥିଲା। ସ୍ୱର ସମ୍ପୂର୍ଣ୍ଣ ପୁରୁଷ କିମ୍ବା ସମ୍ପୂର୍ଣ୍ଣ ନାରୀ ଭଳି ଲାଗୁ ନ ଥିଲା। ମୁଣ୍ଡର କପାଳ ବେଶ୍ ଚଉଡ଼ାଥିଲା। ସମସ୍ତେ ଭାବିନେଲେ ବୋଧହୁଏ ଜେମସ୍ ସିନା ବଡ଼ ହୋଇଯାଇଛି, ହେଲେ ମାଚ୍ୟୋର ହୋଇନି। ସେଥିଲାଗି ତା'ର କଣ୍ଠସ୍ୱର ଜଣେ କିଶୋରର କଣ୍ଠ ଭଳି ଲାଗୁଛି। ସଫଳତାର ସହିତ ଜଣେ ପୁରୁଷ ହୋଇ ମେଡ଼ିକାଲ ପଢ଼ା ଶେଷକଲେ ମାର୍ଗାରେଟ୍। ଚାକିରିକଲେ। ଦକ୍ଷିଣ ଆଫ୍ରିକାରେ ସେ କେପ ଟାଉନ୍‌ର ଗଭର୍ନର ଲର୍ଡ଼ ଚାର୍ଲସ ସମରସେଟ୍‌ଙ୍କ ପର୍ସନାଲ ସର୍ଜନ ଭାବରେ କାର୍ଯ୍ୟକଲେ। ସେତିକିବେଳେ ସମରସେଟ୍ ଜାଣିଲେ ଯେ, ଜେମ୍ସ ବସ୍ତୁବରେ ପୁରୁଷ ନୁହେଁ, ଜଣେ ନାରୀ। ଅବଶ୍ୟ ସେ ତାଙ୍କ ପ୍ରେମରେ ପଡ଼ିଗଲେ। ଆଉ ତାଙ୍କର ପରିଚୟ ଗୁପ୍ତ ରଖିଲେ। ବାହାରେ ପ୍ରଚାର ହୋଇଗଲା ଯେ, ଗଭର୍ନର ସମରସେଟ୍ ଜଣେ ସମଲିଙ୍ଗୀ ପୁରୁଷ। କାରଣ ସେ ସର୍ଜନ ଜେମସ ବେରୀ ସହିତ ସମ୍ପର୍କ ରଖିଛନ୍ତି। ସେତେବେଳକୁ ତାଙ୍କର ଚାକିରି କାଳ ସରି ଆସିଥିଲା। ଜେମସ ବେରୀ ଓରଫ ମାର୍ଗାରେଟ୍ ସମରସେଟ୍‌ଙ୍କୁ ହୃଦୟର ସହିତ ଭଲ ପାଉଥିଲେ। ତେଣୁ ସେ ତାଙ୍କର ଏକ ସନ୍ତାନକୁ ମଧ୍ୟ ଜନ୍ମଦେଲେ। ତାଙ୍କର ମୃତ୍ୟୁ ପରେ ତାଙ୍କୁ ଜଣେ ମହିଳା ଭାବରେ ସମ୍ମାନ ଦିଆଯାଇଥିଲା। →

**ଦିନ ଥିଲା ଯେତେବେଳେ ପ୍ରତି କ୍ଷେତ୍ରରେ ନାରୀମାନଙ୍କ ଉପରେ ପ୍ରତିବନ୍ଧକ ଲଗା ଯାଇଥିଲା। ସମଗ୍ର ବିଶ୍ୱ ରହିଥିଲା ପୁରୁଷମାନଙ୍କ ହାତରେ। ଅଧିକାଂଶ ନାରୀ ଏହି ପୁରୁଷ କୈନ୍ଦ୍ରିକତାକୁ ବରଦାସ୍ତ କରି ଯାଉଥିଲେ। ମାତ୍ର ସେମାନଙ୍କ ମଧ୍ୟରେ ଏମିତି କେତେଜଣ ଥିଲେ ଯେଉଁମାନେ ପୁରୁଷ ପ୍ରାଧାନ୍ୟକୁ ସହଜରେ ଗ୍ରହଣ କରି ନ ପାରି ନିଜେ ପୁରୁଷ ବେଶ ଧରି ନିଜକୁ ପୁରୁଷଙ୍କ ସହିତ ସମକକ୍ଷ ବୋଲି ପ୍ରମାଣିତ କରିଥିଲେ...**




ବିଲ୍ ଟିପ୍‌ଟନ୍


ଗାଏଲ ନିୟୁଲାଣ୍ଡ


ଜେମ୍ସ ଟିପ୍ଟ୍ରି


ବ୍ରିଟା ହାଗବର୍ଗ


ଜେମ୍ସ ବେରି

**ଜୀବନର ତାଡ଼ନା :** ଏହି ଘଟଣାଟି ଇଜିପ୍ଟର। ମହିଳା ଜଣକ ହେଉଛନ୍ତି ସୀସା ଆବୁ ଦାଓ। ଦୀର୍ଘ ୪୨ବର୍ଷ ଧରି ସେ ପୁରୁଷ ଭାବରେ ଜୀବନ ବିତାଇଛନ୍ତି। କାହାରିକୁ ଜାଣିବା ପାଇଁ ଦେଇ ନାହାନ୍ତି ଯେ, ସେ ହେଉଛନ୍ତି ଜଣେ ଅସହାୟା ମହିଳା। ତାଙ୍କର ସ୍ୱାମୀ ମରିଯାଇଛନ୍ତି। ତାଙ୍କୁ ତାଙ୍କର ଝିଅଟିକୁ ମଣିଷ କରିବା ପାଇଁ ଅଛି। ସେ ଅତି ଯତ୍ନର ସହିତ ପୁରୁଷ ସାଜିଛନ୍ତି। ଆଉ ସମସ୍ତ ପ୍ରକାର ପୁରୁଷ କାର୍ଯ୍ୟ କରି ଝିଅକୁ ମଣିଷ କରିଛନ୍ତି। ତାକୁ ବାହା ଦେଇଛନ୍ତି। ସୀସା ଆବୁ ଦାଓଙ୍କର ଏକ ହସଖୁସିର ପରିବାର ଥିଲା। ସ୍ୱାମୀ, ଝିଅ ହୌଦାକୁ ନେଇ ତାଙ୍କର ସଂସାର। ଅକାଳରେ ସ୍ୱାମୀଙ୍କର ଦେହାନ୍ତ ଘଟିଲା। ଝିଅକୁ ମାତ୍ର ଚାରିବର୍ଷ। ମୁଣ୍ଡ ଉପରେ ଆକାଶ ଯେମିତି ଭାଙ୍ଗି ପଡ଼ିଲା। କେମିତି ନିଜେ ବଞ୍ଚିବେ। କେମିତି ଝିଅକୁ ବଞ୍ଚେଇବେ। କିଛିଦିନ ସେମିତିରେ କଟିଲା। ପଦାକୁ ଗୋଡ଼ କାଢ଼ିଲେ ସୀସା। ଉଦ୍ଦେଶ୍ୟ କାମ କରି ନିଜର ପେଟ ପୋଷିବେ। ଆଉ ଝିଅଟିକୁ ମଣିଷ କରିବେ। ମାତ୍ର ଆମର ସମାଜ ଅତି ବିଚିତ୍ର। ଅସହାୟା ମହିଳାଟିଏକୁ କିଏ ବା କାହିଁକି ସାହା ହୁଅନ୍ତା। ତାଙ୍କୁ କୌଣସି ସ୍ଥାନରେ କାମ ମିଳିଲା ନାହିଁ। ସେ କହିଲେ ସେ ସବୁ କାମ ପାରିବେ। ଯାହା ବି କାମ ମିଳୁ କରିବେ। ମାତ୍ର ତଥାପି ନିରାଶ ହେଲେ। ସେତିକିନୁହେଁ, ଯିଏ ବି ତାଙ୍କୁ କାମରେ ରଖିବାକୁ କହିଲେ ସେମାନେ ଚାହିଁଲେ ସ୍ୱାର୍ଥ। ସୀସାଙ୍କର ଦେହ। ସୀସା ବୁଝିଗଲେ ଏ ସମାଜରେ ସେ ଜଣେ ନାରୀ ହୋଇ ବଞ୍ଚିପାରିବେ ନାହିଁ। ନାରୀ ହୋଇ ବଞ୍ଚିଲେ ନା ନିଜକୁ ବଞ୍ଚେଇ ପାରିବେ ନା ଝିଅକୁ ବଞ୍ଚେଇପାରିବେ। ତେଣୁ ନିଷ୍ପତ୍ତି ନେଲେ ଛଦ୍ମବେଶ ଧାରଣ କରିବେ। ପୁରୁଷ ପାଲଟିଯିବେ। ଫଳରେ ପୁରୁଷମାନଙ୍କର ଆଉ ପାପନଜର ତାଙ୍କ ଉପରେ ପଡ଼ିବନି। ପୁଣି ପୁରୁଷ କରୁଥିବା କାମ ସବୁକୁ ବି ସେ ସହଜରେ ପାଇଯାଇ ପାରିବେ। ବାସ୍, ସେଇଆ କଲେ। ନିଜର ଦେହରୁ ନାରୀର ଆବରଣ ଖୋଲିଦେଇ ପୁରୁଷ ପୋଷାକ ପିନ୍ଧିନେଲେ। ରାସ୍ତାକଡ଼ରେ ବସି ଜୋତା ସଫାକଲେ। ମାଟି ହାଣିଲେ। ପଥର କାଟିଲେ। ରିକ୍ସା ଚଳେଇଲେ। ଜୀବନ ବେଶ୍ ସହଜ ହେଇଗଲା। ସୀସା ଏସବୁରୁ ଗୋଟିଏ କଥା ବୁଝିନେଲେ ଯେ, ଜୀବନ ବଞ୍ଚିବାକୁ ହେଲେ କିଛି ନା କିଛି କରିବାକୁ ପଡ଼ିବ। ତାହା ନିଜ ସହିତ ହେଉ କି ଅନ୍ୟ ସହିତ। ସୀସା ଝିଅ ହୌଦାକୁ ପାଠ ପଢ଼େଇଲେ। ଏମିତି ଅନେକ ପରିସ୍ଥିତି ଆସିଛି ଯେତେବେଳେ ପୁରୁଷଟିଏ ହୋଇ ରହିବା ତାଙ୍କ ପକ୍ଷରେ ସହଜ ହୋଇନାହିଁ। ତଥାପି ସେ ନିଜକୁ ବୁଝେଇ ନେଇଛନ୍ତି। ଝିଅ ହୌଦାକୁ ଖାଲି ପାଠ ପଢ଼େଇଲେ ନାହିଁ। ତା'ର ବାହାଘର ମଧ୍ୟ କଲେ। ତେବେ ସେତିକିରେ ତାଙ୍କ ଦୁଃଖ ସରିଗଲା ନାହିଁ। ଭାବିଥିଲେ ଝିଅ ବାହା ଦେଇଦେଲେ ତାଙ୍କ ଅଭିନୟ ସରିଯିବ। ମାତ୍ର ନା। ଜ୍ୱାଇଁ ରୋଗରେ ପଡ଼ିଲେ। ଏବେ ବି ନିଜ ଝିଅ ଜ୍ୱାଇଁଙ୍କୁ ରୋଜଗାର କରି ପୋଷୁଛନ୍ତି ସୀସା। ତେବେ ସେ ଯେ ଜଣେ ମହିଳା। ଆଉ ଦୀର୍ଘ ୪୨ବର୍ଷ ଧରି ସେ ପୁରୁଷ ହେଇ ଜୀବନ ବଞ୍ଚୁଥିଲେ ଏକଥା ଆଉ ଗୋପନୀୟ ହୋଇ ରହିନାହିଁ। ଏକଥା ଜାଣିବା ପରେ ସୀସା ଜଣେ ସାଧାରଣ ନାରୀ, ଜଣେ ମହାନ୍ ମା' ପାଲଟି ଯାଇଛନ୍ତି। ସ୍ଥାନୀୟ ସରକାର ତାଙ୍କୁ ଜଣେ 'ଆଦର୍ଶ ମା' ଭାବରେ ସମ୍ମାନ ଜଣେଇବା ସହିତ ତାଙ୍କୁ ଗୁଜୁରାଣର ବ୍ୟବସ୍ଥା ଯୋଗେଇ ଦେଇଛନ୍ତି।

**ଦେଶ ପାଇଁ ସେବା :** ଦେଶ ପାଇଁ ସେବା କରିବାର ଅଧିକାର କ'ଣ କେବଳ ପୁରୁଷର ଅଛି ; ନାରୀର ନାହିଁ ? ଏମିତି ଏକ ପ୍ରଶ୍ନ ଉଙ୍କି ମାରିଥିଲା ଫ୍ରାନ୍ସିସ୍ କ୍ଲାଲିନ୍‌ଙ୍କ ମନରେ। ଆଉ ଏହି ପ୍ରଶ୍ନ ହିଁ ତାଙ୍କୁ ସଜେଇ ଦେଇଥିଲା ବିଦ୍ରୋହିଣୀ। ସେତେବେଳେ ଆମେରିକାରେ ଭୟଙ୍କର ଗୃହଯୁଦ୍ଧ ଚାଲିଥାଏ। ଇଲିନଏସ୍‌ରେ ଜନ୍ମିତ କ୍ଲାଲିନ୍‌ଙ୍କ ସ୍ୱାମୀ ଏଲମ୍‌ର କ୍ଲାଏଟନ୍ ମଧ୍ୟ ଜଣେ ଯୋଦ୍ଧା। ସେ ଓହିଓର ନାଗରିକ। ପିଲାଟି ବେଳୁ ସମରଶିକ୍ଷାର ପାରଙ୍ଗମ ଥିଲେ କ୍ଲାଲିନ୍। ତାଙ୍କ ପିତା ବି ଥିଲେ ଜଣେ ଯୋଦ୍ଧା। ତେଣୁ ସେ ପିତାଙ୍କଠାରୁ ଅନେକ ଯୁଦ୍ଧର ଅନୁଭୂତି ଓ ଅଭିଜ୍ଞତା ହାସଲ କରି ସାରିଥାନ୍ତି। ତାଙ୍କର ଇଚ୍ଛାଥାଏ ସେ କୌଣସି ନା କୌଣସି ପ୍ରତ୍ୟକ୍ଷ ଯୁଦ୍ଧରେ ଭାଗନେବେ। ଏଲମର୍ କ୍ଲାଏଟନ୍‌ଙ୍କୁ ବିବାହ କରିବା ପରେ ତାଙ୍କ ଭିତରର ସେହି ଇଚ୍ଛାଟି ପ୍ରଚଣ୍ଡ ଭାବରେ ବଳବତ୍ତର ହୋଇ ଉଠିଲା। ସେ ସ୍ୱାମୀଙ୍କୁ ନିଜର ମନକଥା କହିଲେ। ହେଲେ ସେତେବେଳେ ନାରୀମାନଙ୍କୁ ଯୁଦ୍ଧକ୍ଷେତ୍ର ମନାଥିଲା। ତେଣୁ କ୍ଲାଏଟନ୍‌ଙ୍କର କିଛି କରିବାର ନ ଥିଲା। ବିବାହର କିଛିଦିନ ବିତିଲା। ସେ ତିନୋଟି ସନ୍ତାନର ମା' ମଧ୍ୟ ହେଲେ। ତା' ସତ୍ତ୍ୱେ ଦେଶ ପାଇଁ ଲଢ଼େଇ କରିବାର ମାନସିକତା କ୍ଲାଲିନ୍‌ଙ୍କ ମନରୁ ଲିଭି ନ ଥିଲା। ଓଲଟି ଅଧିକରୁ ଅଧିକ ବଳବତ୍ତର ହେଉଥିଲା। ସେତିକିବେଳେ ଲାଗିଲା ଗୃହଯୁଦ୍ଧ। ଗୃହଯୁଦ୍ଧର ଅନେକ କାରଣ ମଧ୍ୟରୁ ଗୋଟିଏ କାରଣ ଥିଲା କଳାଗୋରା ଭେଦଭାବ ବା ବର୍ଣ୍ଣବୈଷମ୍ୟ। ଗୋଟିଏ ପଟରେ ନର୍ଦର୍ନ ୟୁନାଇଟେଡ଼ ଷ୍ଟେଟସ୍ ଏବଂ ଅନ୍ୟ ପଟରେ ସର୍ଦର୍ନ ୟୁନାଇଟେଡ଼ ଷ୍ଟେଟସ୍। ୧୮୬୧ ମସିହାରେ ଆରମ୍ଭ ହେଲା ଯୁଦ୍ଧ। କ୍ଲାଲିନ୍‌ଙ୍କ ସ୍ୱାମୀ କ୍ଲାଏଟନ୍ ଥାଆନ୍ତି ୟୁନିୟନ୍ ଆର୍ମିରେ ଅର୍ଥାତ୍ ନର୍ଦର୍ନ ୟୁନାଇଟେଡ଼ ଷ୍ଟେଟସ୍ ସପକ୍ଷରେ। ଗୃହଯୁଦ୍ଧ ପାଇଁ ବହୁ ସୈନ୍ୟଙ୍କର ଆବଶ୍ୟକତା ଥିଲା। ପାରଙ୍ଗମ ଲୋକଙ୍କୁ ବିନା ପରୀକ୍ଷା ନିରୀକ୍ଷାରେ ଯୁଦ୍ଧରେ ସାମିଲ କରାଯାଉଥିଲା। କ୍ଲାଲିନ୍ ଭାବିଲେ ନିଜ ମନର ଓରିମାନାକୁ ମେଣ୍ଟାଇବାର ଏହା ହିଁ ହେଉଛି ପ୍ରକୃଷ୍ଟ ସମୟ। ସେତିକିନୁହେଁ, ସେ ଏହି ଅବସରରେ ଦେଶ ପାଇଁ ସେବା ମଧ୍ୟ କରିପାରିବେ। ଭାବିଲେ, ସେ ଜଣେ ମହିଳା ହୋଇଥିବାରୁ କେବେ ବି ତାଙ୍କୁ ଯୁଦ୍ଧରେ ସାମିଲ କରାଯିବନି କିମ୍ବା ଯୁଦ୍ଧକ୍ଷେତ୍ରକୁ ଯିବା ଲାଗି ଅନୁମତି ଦିଆଯିବନି। ସେଥିଲାଗି ସେ ନିଜର ସୁନେଲି ରଙ୍ଗର କେଶକୁ କାଟିଦେଲେ। ନିଜକୁ ପୁରୁଷ ବେଶରେ ସଜେଇଲେ। ଆଉ ନିଜର ନାମକୁ ବଦଳେଇ ନାଁ ରଖିଲେ ଜ୍ୟାକ୍ ୱିଲିଅମ୍‌ସ। ଏସବୁ ଯେ ସେ ତାଙ୍କ ସ୍ୱାମୀ କ୍ଲାଏଟନ୍‌ଙ୍କ ଅଗୋଚରରେ କରୁଥିଲେ ସେକଥା ନୁହେଁ। କ୍ଲାଏଟନ୍ ସବୁକିଛି ଜାଣୁଥିଲେ। ଆଉ ସେ ମଧ୍ୟ ଚାହୁଁଥିଲେ ଯେ, ତାଙ୍କ ସ୍ତ୍ରୀ ଯୁଦ୍ଧକ୍ଷେତ୍ରକୁ ଯାଉ ଆଉ ଯୁଦ୍ଧ କରି ନିଜ ଭିତରେ ଥିବା ଇଚ୍ଛା ପୂରଣ କରୁ। ବାସ୍, କ୍ଲାଲିନ୍ ଜ୍ୟାକ୍ ୱିଲିଅମ୍‌ସ ସାଜି ୟୁନିୟନ ଆର୍ମିରେ ଯୋଗଦେଲେ। ତମାମ ଯୁଦ୍ଧରେ ସ୍ୱାମୀସ୍ତ୍ରୀ ପାଖାପାଖି ରହି ପାଦରେ ପାଦ ମିଳେଇ ଯୁଦ୍ଧ କରୁଥିଲେ। ତାହା ଯେମିତି ଯୁଦ୍ଧ ନ ଥିଲା। ତାହା ଥିଲା କ୍ଲାଲିନ୍ ଓରଫ ଜ୍ୟାକ୍ ୱିଲିଅମ୍‌ସଙ୍କ ପାଇଁ ଖେଳ ପଡ଼ିଆ। କାରଣ ତାଙ୍କ ସ୍ୱାମୀ ଥିଲେ ତାଙ୍କ ପାଖରେ। ମଜାର ବିଷୟ କାଳେ ତାଙ୍କୁ କେହି ମହିଳା ବୋଲି ଜାଣିନବ ସେଥିଲାଗି ସେ ମୁଖ୍ୟତଃ ପୁରୁଷମାନେ ଯେଉଁ ଅସ୍ତ୍ର ବ୍ୟବହାର କରୁଥିଲେ ତାହାକୁ ଧରି ଯୁଦ୍ଧ କରୁଥିଲେ। ସେତିକିନୁହେଁ, ନିଜର ନାରୀ ଗୁଣକୁ ଲୁଚେଇବା ପାଇଁ ସେ ଡ୍ରିଙ୍କସ କରୁଥିଲେ, ସ୍ମୋକ୍ କରୁଥିଲେ। ପୁରୁଷଙ୍କ ଭଳି ନାରୀମାନଙ୍କୁ ଟିଜ୍ କରୁଥିଲେ ଇତ୍ୟାଦି ଇତ୍ୟାଦି। ୧୮୬୨ ମସିହା ଡିସେମ୍ବର ୩୧ ତାରିଖରେ ଆରମ୍ଭ ହେଲା ଭୟାବହ 'ବ୍ୟାଟଲ ଅଫ୍ ଷ୍ଟୋନ୍ସ ରିଭର'। କୁହାଯାଏ ଗୃହଯୁଦ୍ଧ ଅବସରରେ ଯେତେ ଯୁଦ୍ଧ ହୋଇଥିଲା ସବୁଠାରୁ ଭୟଙ୍କର ଥିଲା 'ବ୍ୟାଟଲ ଅଫ୍ ଷ୍ଟୋନ୍ସ ରିଭର'। ସ୍ୱାମୀଙ୍କ ସହ ଯୁଦ୍ଧ କରୁଥାନ୍ତି କ୍ଲାଲିନ୍। ସେମାନଙ୍କ ମଧ୍ୟରେ ଅଳ୍ପ କିଛି ଦୂରତ୍ୱର ବ୍ୟବଧାନ ଥାଏ। ହଠାତ୍ ବିପକ୍ଷ ଦଳର ଗୋଟିଏ ଅସ୍ତ୍ର ଆସି ଭୁସି ହେଇଗଲା ସ୍ୱାମୀ କ୍ଲାଏଟନ୍‌ଙ୍କ ଛାତିରେ। କ୍ଲାଲିନ୍‌ଙ୍କ ଆଖି ଆଗରେ ଘଟିଗଲା ଏହି ଘଟଣା। ଅନ୍ୟକୌଣସି ସମୟ ହୋଇଥିଲେ ସେ ସ୍ୱାମୀଙ୍କ ପାଖକୁ ହୁଏତ ଧାଇଁ ଯାଇଥାନ୍ତେ। ତାଙ୍କୁ କୋଳରେ ଟେକି ଧରିଥାନ୍ତେ। ମାତ୍ର ତାହା ଥିଲା ଯୁଦ୍ଧ କ୍ଷେତ୍ର। ଆଉ ସମସ୍ତଙ୍କ ଦୃଷ୍ଟିରେ ସେ ଥିଲେ ଜଣେ ଯୋଦ୍ଧା। ତେଣୁ ଯୁଦ୍ଧ ବନ୍ଦ ରଖିବାର ପ୍ରଶ୍ନ ଉଠୁ ନ ଥିଲା। ସେ ଦେଖୁଥିଲେ ତାଙ୍କ ସ୍ୱାମୀ କଟା ଗଛ ଭଳି ତଳେ ଗଡ଼ି ପଡୁଛନ୍ତି। ଛଟପଟ ହେଇ ତାଙ୍କ ଜୀବନ ଯାଉଛି। ସେ କିନ୍ତୁ ଅଟକି ଗଲେନି। ସ୍ୱାମୀ ଶବକୁ ଡେଇଁ ଶତ୍ରୁ ସୈନ୍ୟଙ୍କୁ ଆକ୍ରମଣ କଲେ। କୁହାଯାଏ ସ୍ୱାମୀଙ୍କ ମୃତ୍ୟୁ ନିଜ ଆଖିରେ ଦେଖି ଆଉ ବେଶି ସମୟ ଛଦ୍ମ ଆବରଣ ଭିତରେ ରହିପାରି ନ ଥିଲେ କ୍ଲାଲିନ୍। ତାଙ୍କ ଭିତରୁ ଯୁଦ୍ଧ କରିବାର ଉତ୍ସାହ ବି ମରିଯାଇଥିଲା। ସେ ଛଦ୍ମବେଶ ଫିଙ୍ଗି ଦେଇଥିଲେ। ଆଉ ତାଙ୍କୁ ନାରୀ ବୋଲି ଜାଣିବା ପରେ ଯୁଦ୍ଧ କ୍ଷେତ୍ରରୁ ବିତାଡ଼ିତ କରାଯାଇଥିଲା।

**ନାରୀ ଜୁଡୁକା :** ଦିନ ଥିଲା ଯେତେବେଳେ ପ୍ରତି କ୍ଷେତ୍ରରେ ନାରୀମାନଙ୍କ ଉପରେ ପ୍ରତିବନ୍ଧକ ଲଗା ଯାଇଥିଲା। ସମଗ୍ର ବିଶ୍ୱ ରହିଥିଲା ପୁରୁଷମାନଙ୍କ ହାତରେ। ଅଧିକାଂଶ ନାରୀ ଏହି ବିଶ୍ୱର ଏହି ପୁରୁଷ କୈନ୍ଦ୍ରିକତାକୁ ବରଦାସ୍ତ କରି ଯାଉଥିଲେ। ମୁଣ୍ଡ ପୋତି ସହି ଯାଉଥିଲେ। ମାତ୍ର ସେମାନଙ୍କ ମଧ୍ୟରେ ଅଳ୍ପକିଛି ନାରୀ ଜନ୍ମ ହୋଇଥିଲେ ଯେଉଁମାନେ ପୁରୁଷ ପ୍ରାଧାନ୍ୟକୁ ସହଜରେ ଗ୍ରହଣ କରୁ ନ ଥିଲେ। ସେମିତି ଜଣେ ମହିଳା ହେଉଛନ୍ତି ରେନା କାନୋକୋଗୀ। ରେନାଙ୍କ ଜନ୍ମ ନ୍ୟୁୟର୍କର ବ୍ରୁକ୍‌ଲିନ୍‌ରେ। ତାଙ୍କର ପିଲାବେଳ ଭାରି ଦୟନୀୟ ଅବସ୍ଥାରେ କଟିଥିଲା। ପରିବାର ଚଳେଇବା ପାଇଁ ତାଙ୍କର ମା' ରାସ୍ତାକଡ଼ରେ ବସି ଖାଇବା ବିକ୍ରି କରୁଥିଲେ। ମାତ୍ର ସାତ ବର୍ଷ ବୟସରେ ରେନା ପରଘରେ ପାଇଟି କରୁଥିଲେ। ତାଙ୍କ ଭାଇ ଭାରି ଜିନିଷ ଉଠେଇବା (ୱେଟ ଲିଫ୍ଟିଙ୍ଗ) ଅଭ୍ୟାସ କରୁଥିଲେ। ରେନା ମଧ୍ୟ ମଝିରେ ମଝିରେ ଯାଇ ସେଠାରେ ଅଭ୍ୟାସ କରୁଥିଲେ। ଇତିମଧ୍ୟରେ ତାଙ୍କର ବାହାଘର ହୋଇଗଲା ଓ ସେ ଗୋଟିଏ ପୁଅ ପିଲାର ମା' ମଧ୍ୟ ହେଲେ। ତାଙ୍କର ଜଣେ ପୁରୁଷ ବନ୍ଧୁ ତାଙ୍କୁ ଥରେ ଜୁଡୁ ବିଷୟରେ କହିଲା ଓ କିଛି କୌଶଳ ମଧ୍ୟ ଶିଖେଇ ଦେଲା। କାରଣ ତାଙ୍କ ପୁରୁଷ ବନ୍ଧୁଙ୍କର ଧାରଣା ହୋଇଥିଲା ଯେ, ରେନାଙ୍କର ଶାରୀରିକ ଗଠନ ପୁରୁଷଙ୍କ ଶାରୀରିକ ଗଠନଠାରୁ କିଛି କମ୍ ନୁହେଁ। ତେଣୁ ସେ ମଧ୍ୟ ଭଲ ଜୁଡୁକା ହୋଇପାରିବେ। ରେନାଙ୍କୁ ଜୁଡୁ ଖେଳଟି ବେଶ୍ ଭଲ ଲାଗିଲା। ଆଉ ସେ ଖୁବ୍ କମ୍ ଦିନ ଭିତରେ ବହୁତ କଥା ଜାଣିଗଲେ। ଏଥର ତାଙ୍କର ଇଚ୍ଛା ହେଲା ସେ ଜୁଡୁ ପ୍ରତିଯୋଗିତାରେ ଭାଗନେବେ। ମାତ୍ର ତାହା ସମ୍ଭବ ନ ଥିଲା। ସେତେବେଳକୁ ଜୁଡୁ ଏକ ପୁରୁଷମାନଙ୍କର ଖେଳ। ତେଣୁ ରେନାଙ୍କୁ ସବୁ ଆଡୁ ନିରାଶ ହେବା ପାଇଁ ପଡ଼ିଲା। ବାସ୍ତବରେ ସେତେବେଳେ ବିଭିନ୍ନ ସ୍ଥାନରେ ଯୁଥ୍


ସୀସା ଆବୁ ଦାଓ




ରେନା କାନୋକୋଗୀ

ଅର୍ଗାନାଇଜେଶନ୍ ବା ଯୁବ ସଂଗଠନଗୁଡ଼ିକ ପକ୍ଷରୁ ଜୁଡୁ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ୧୯୫୯ରେ ନ୍ୟୁୟର୍କର ୟୁଟିକାଠାରେ ଏକ ଜୁଡୁ କମ୍ପିଟିସନ୍ ଆୟୋଜିତ ହୋଇଥାଏ। ଯେଉଁ କ୍ଲବରେ ରେନା ଜୁଡୁ ଅଭ୍ୟାସ କରୁଥାନ୍ତି ସେହି କ୍ଲବ୍ ମଧ୍ୟ ସେଠାକୁ ଯାଇଥାଏ। ମାତ୍ର ସେ ଜଣେ ମହିଳା ହୋଇଥିବାରୁ ତାଙ୍କୁ ସେଥିରେ ଅଂଶଗ୍ରହଣ କରିବାର ଅନୁମତି ନ ଥାଏ। ସେ କେବଳ ଦେଖଣାହାରୀ ହୋଇ ସେଠାକୁ ଯାଇଥାନ୍ତି। ତେବେ ସେତେବେଳକୁ ସେ ପୁରୁଷ ବେଶରେ ନିଜକୁ ସଜେଇ ସାରିଥାନ୍ତି। ତାଙ୍କର ଉଦ୍ଦେଶ୍ୟ ଥାଏ ଛଳନାରେ ହେଉ ପଛକେ ସେ ଜୁଡୁରେ ଭାଗନେବେ। ଜୁଡୁକା ବନିବେ। ଯୋଗକୁ ତାଙ୍କ ଦଳର ଜଣେ ପୁରୁଷ ପ୍ରତିଯୋଗୀ ଗୁରୁତର ଭାବେ ଆହତ ହୋଇ ପଡ଼ିଲେ। ତାଙ୍କରି ସ୍ଥାନରେ ପଡ଼ିଆକୁ ଓହ୍ଲେଇଲେ ରେନା। ଆଉ ପ୍ରତିଯୋଗିତା ଜିତି ମେଡାଲ ହାସଲ କଲେ। ତେବେ ସୌଭାଗ୍ୟ ସହିତ ଦୁର୍ଭାଗ୍ୟ ମଧ୍ୟ ପିଛା କରୁଥାଏ। ସେଠାରେ ତାଙ୍କୁ କେତେଜଣ ଚିହ୍ନି ନେଲେ ଯେ, ସେ ଜଣେ ମହିଳା। ଆୟୋଜକ ତାଙ୍କୁ ସେହି ବିଷୟରେ କୈଫିୟତ ମାଗିଲେ ତ ଆଉ ମନା କରିପାରିଲେନି ରେନା। ସେ ମହିଳା ହୋଇ ଛଳନା କରି ପ୍ରତିଯୋଗିତା ଜିତିଥିବା କାରଣରୁ ତାଙ୍କଠୁ ତାଙ୍କର ମେଡ଼ାଲ ଛଡ଼େଇ ନିଆଗଲା। ତାହାଥିଲା ରେନାଙ୍କ ଜୀବନରେ ସବୁଠାରୁ ଦୁର୍ଭାଗ୍ୟଜନକ ଅଧ୍ୟାୟ। ଅବଶ୍ୟ ୧୯୮୮ରେ ଅଲିମ୍ପିକ୍‌ରେ ମହିଳା ଜୁଡୁକୁ ସାମିଲ କରାଗଲା। ଆଉ ରେନା ଆମେରିକା ଜୁଡୁ ଦଳର କୋଚ ଭାବରେ କାର୍ଯ୍ୟ କରି ସଫଳତା ପାଇବା ସହିତ ନିଜ ଭିତରେ ଜୁଡୁକା ହେବାର ଯେଉଁ ଇଚ୍ଛା ଥିଲା ତାହା ପୂରଣ କରିଥିଲେ।

**ସାଇନ୍ସ ଫିକ୍ସନିଷ୍ଟ :** ସାଇନ୍ସ ଫିକ୍ସନ୍‌ରେ ରୁଚି ରଖୁଥିବା ପାଠକମାନଙ୍କ ପାଇଁ ଜେମ୍ସ ତିପ୍‌ଟ୍ରୀ ଆଦୌ ଏକ ଅଜଣା ନାମ ନୁହଁ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି 'ଟେନ୍ ଥାଉଜେଣ୍ଡ ଲାଇଟ ଇୟର୍ସ ଫ୍ରମ୍ ହୋମ୍', 'ୱାର୍ମ ୱାର୍ଲଡ୍‌ସ ଆଣ୍ଡ ଅଦରୱାଇଜ୍', 'ଷ୍ଟାର ସଙ୍ଗସ୍ ଅଫ୍ ଏନ ଓଲ୍ଡ ପ୍ରାଇମେଟ୍', 'ଆଉଟ୍ ଅଫ୍ ଏଭ୍ରିହ୍ୱେର', 'ବାଇଟ୍ ବିୟୁଟିଫୁଲ', 'ଦ ଷ୍ଟାରି ରିଫ୍ଟ', ଟେଲସ ଅଫ୍ ଦି କ୍ୱିଣ୍ଟାନା ରୋ', 'କ୍ରାଉନ୍ ଅଫ୍ ଷ୍ଟାର୍ସ', 'ହର ସ୍ମୋକ୍ ରୋଜ୍ ଅଫ୍ ଫରଏଭର' ଏବଂ ଆହୁରି ଅନେକ। ଆମେରିକାର ଏହି ଲେଖକଙ୍କ ବହିକୁ ଅନେକଥର ବେଷ୍ଟ ସେଲର ଆଖ୍ୟା ମିଳିଛି। ତାଙ୍କର ବହି ବହୁଭାଷାରେ ଅନୂଦିତ ହୋଇ ପ୍ରଶଂସିତ ହୋଇଛି। ତେବେ ଅନେକ ଏକଥା ଜାଣନ୍ତିନାହିଁ ଯେ, ସେ ଜଣେ ଲେଖକ ନୁହନ୍ତି। ସେ ହେଉଛନ୍ତି ଲେଖିକା। ତାଙ୍କର ପ୍ରକୃତ ନାମ ଆଲାଇସ୍ ବ୍ରେଡ୍‌ଲେ। ସାଇକୋଲୋଜିରେ ଡକ୍ଟରେଟ୍ କରିଥିବା ଏହି ଲେଖିକା ଅବଶ୍ୟ ନିଜର ବେଶ ବଦଳେଇ ମହିଳାରୁ ପୁରୁଷ ହୋଇ ନାହାନ୍ତି। ମାତ୍ର ବହୁବର୍ଷ ପର୍ଯ୍ୟନ୍ତ ଜଣେ ନାରୀ ହୋଇ ସୁଦ୍ଧା ପୁରୁଷ ନାମରେ ନିଜକୁ ଗୋପନ ରଖି ପାରିଛନ୍ତି। ସଫଳତା ପରେ ସଫଳତା ମିଳିଛି। ଗଣମାଧ୍ୟମ ତାଙ୍କର ଇଣ୍ଟରଭିୟୁ ପାଇଁ ତାଙ୍କୁ ଖୋଜିଛନ୍ତି। ପ୍ରକାଶକମାନେ ମଧ୍ୟ ତାଙ୍କର ସାକ୍ଷାତ ପାଇଁ ସମୟ ନିର୍ଘଣ୍ଟ କରିଛନ୍ତି। ମାତ୍ର ଅଜ୍ଞାତବାସରେ ରହିଛନ୍ତି ସେ। ସେ ଜାଣିଥିଲେ ଯେଉଁଦିନ ଲୋକମାନେ ଜାଣିଯିବେ ସେ ଜଣେ ନାରୀ। ଆଉ ନାରୀ ହୋଇ ସେ ସାଇନ୍ସ ଫିକ୍ସନ୍ ଲେଖୁଛନ୍ତି ସେହିଦିନ ତାଙ୍କର ସଫଳତା ତଳକୁ ଖସି ଆସିବ। କାରଣ ନାରୀମାନେ ଯେ ସାଇନ୍ସ ଫିକ୍ସନ୍ ଲେଖିପାରିବେ ତାହା ସେତେବେଳେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା। ଏମିତି କି ବିକ୍ରି ନ ହେବା ଭୟରେ ପ୍ରକାଶକମାନେ ମଧ୍ୟ ନାରୀ ଲେଖିକାଙ୍କ ସାଇନ୍ସ ଫିକ୍ସନ୍‌କୁ ପ୍ରକାଶିତ କରୁ ନ ଥିଲେ। ସେଥିଲାଗି ସେ ଜେମ୍ସ ତିପ୍‌ଟ୍ରୀ ବୋଲି ଏକ ଛଦ୍ମନାମ ଧାରଣ କରିଥିଲେ। ସବୁଠୁ ମଜାର କଥା ହେଉଛି ସେ ଜୀବନରେ ମାତ୍ର ଗୋଟିଏ ଇଣ୍ଟରଭିୟୁ ଦେଇଥିଲେ। ତାହା ପୁଣି ପୋଷ୍ଟାଲ ଚିଠିପତ୍ର ମାଧ୍ୟମରେ। ଯେତେବେଳେ ସେ ସଫଳତାର ଶୀର୍ଷରେ ପହଞ୍ଚିଲେ ସେତେବେଳେ ସେ ନିଜେ ହିଁ ଆତ୍ମପ୍ରକାଶ କଲେ ଆଉ ଘୋଷଣା କଲେ ଯେ, ଜେମ୍ସ ତିପ୍‌ଟ୍ରୀ ନାମରେ କେହି ଜଣେ ନାହିଁ। ସେ ହେଉଛନ୍ତି ଆଲାଇସ୍ ବ୍ରେଡ୍‌ଲେ। ଯେଉଁଦିନ ସେ ଏହା ଘୋଷଣା କଲେ ସେଦିନ ସାଇନ୍ସ ଫିକ୍ସନ୍ ରାଇଟର୍ସ କମ୍ୟୁନିଟିରେ ହଇଚଇ ସୃଷ୍ଟି ହୋଇ ଯାଇଥିଲା। ଅବଶ୍ୟ ଏହା ପରେ ପାଠକମାନେ କିମ୍ବା ପ୍ରକାଶକମାନେ ତାକୁ ପ୍ରତ୍ୟାଖ୍ୟାନ ନ କରି ସାଦରେ ସ୍ୱାଗତ କରିଥିଲେ। ପୁରୁଷ ପ୍ରାଧାନ୍ୟ ସମାଜ ବିରୋଧରେ ଆଲାଇସ୍‌ଙ୍କ ଏହି ଉଦ୍ୟମକୁ ଏକ ବଡ଼ ବିଦ୍ରୋହ ବୋଲି ବିବେଚନା କରାଯାଇଥାଏ।

**ଜାଜ୍ ପାଇଁ ଛଦ୍ମବେଶ :** ବିଲ୍ ଟିପ୍‌ଟନ୍! ଜାଜ୍ ଜଗତରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ପୁରୁଷ। ସେ ଏଭଳି ଭାବରେ ପିଆନୋ ବଜାନ୍ତି ଯେ ତାଙ୍କୁ ଜଣେ ଗିଫ୍‌ଟେଡ଼ ପିଆନିଷ୍ଟ ବୋଲି କୁହାଯାଏ। ସେହିଭଳି ସେ ସାକ୍ସଫୋନ୍ ଧରିଲେ ଆଉ କେହି ତାଙ୍କ ପାଖ ମାଡ଼ି ପାରନ୍ତିନାହିଁ। ତାଙ୍କର ଅଗଣିତ ଫ୍ୟାନ୍। ୧୯୫୦ ଦଶକରେ ତାଙ୍କର ଖ୍ୟାତି ସର୍ବୋଚ୍ଚ ଶିଖରରେ ରହିଥିଲା। ତାଙ୍କ ପାଖ ପଡ଼ୋଶୀ ତଥା ବନ୍ଧୁ ବାନ୍ଧବଙ୍କ ପାଇଁ ସେ ଜଣେ ଖୁବ୍ ଭଲ ମଣିଷ। ଜଣେ ଅତି ସ୍ନେହୀ ସ୍ୱାମୀ। ପୁଣି ତିନିତିନିଜଣ ପାଳିତ ପୁତ୍ରଙ୍କର ଭଲ ବାପା। ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ତେବେ ଯେବେ ତାଙ୍କର ବୟସ ହୋଇଗଲା ସେ ବ୍ୟାଧିଗ୍ରସ୍ତ ହୋଇଗଲେ। ଅଲସର ରକ୍ତସ୍ରାବ କାରଣରୁ ତାଙ୍କର ପରଲୋକ ଘଟିଲା। ସେତେବେଳେ ଜଣାଗଲା ଯେ, ଏତେଦିନ ଧରି ଜଣେ ସୁପୁରୁଷ ଭାବରେ ଗଣା ଯାଉଥିବା ବିଲ୍ ଟିପ୍‌ଟନ୍ ବାସ୍ତବରେ ଜଣେ ପୁରୁଷ ନ ଥିଲେ, ସେ ଥିଲେ ଜଣେ ମହିଳା। ଏକଥା ଜଣାପଡ଼ିବା ପରେ କେବଳ ତାଙ୍କର ପାଖ ପଡ଼ୋଶୀ କିମ୍ବା ବନ୍ଧୁବାନ୍ଧବ ନୁହନ୍ତି ; ତାଙ୍କର ତିନି ପାଳିତ ପୁତ୍ର ଯଥା– ଜନ୍ କ୍ଲାର୍କ, ସ୍କଟ୍ ଏବଂ ବିଲ୍ ଜୁନିୟର ମଧ୍ୟ ଆବାକାବା ହୋଇ ପରସ୍ପରକୁ ଅନେଇଥିଲେ। ସେମାନେ ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥିଲେ ଯେ, ସେମାନେ ଆଜି ଯାଏ ଯାହାକୁ ବାପା ବୋଲି ଭାବି ଆସିଥିଲେ ସେ ଥିଲେ ଜଣେ ମହିଳା। ସେମାନେ ଯେ ଏତେଦିନ ଧରି ଜଣେ ନାରୀ ନିକଟରେ ରହି ଆସିଥିଲେ ଏକଥାର ସୁରାକ୍ ମଧ୍ୟ ପାଇବାକୁ ସୁଯୋଗ ଦେଇ ନ ଥିଲେ ବିଲ୍। ବିଲ୍ ଟିପଟନ୍‌ଙ୍କର ମୂଳନାମ ଡରୋଥି ଲୁସିଲ୍ ଟିପ୍‌ଟନ୍। ୧୯୧୪ରେ ଓକଲାହୋମା ସହରରେ ତାଙ୍କର ଜନ୍ମ। ସାତ ବର୍ଷ ବୟସରେ ସେ ବେହେଲା ବଜେଇବା ଆରମ୍ଭ କରିଥିଲେ। ଜଣେ ଜାଜ୍ ମ୍ୟୁଜିସିଆନ୍ ହେବା ଥିଲା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ। ଜାଜ୍ ମ୍ୟୁଜିସିଆନ୍ ହେବାକୁ ହେଲେ ସାକ୍ସଫୋନ୍, ପିଆନୋ, ଜ୍ୟାକ୍ ଭଳି ଯନ୍ତ୍ର ସଂଗୀତରେ ଧୂରନ୍ଧର ହେବାକୁ ପଡ଼ିଥାଏ। ଆଉ ଏହି ସବୁ ବାଦ୍ୟଯନ୍ତ୍ର ପୁରୁଷମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ ଥିଲା। ନାରୀମାନେ ଯେ ଏ ବାଦ୍ୟଯନ୍ତ୍ର ବଜେଇପାରିବେ ସେକଥା ଚିନ୍ତା ମଧ୍ୟ କରାଯାଇ ପାରୁ ନ ଥିଲା। ସେଥିଲାଗି ଡରୋଥି ନିଷ୍ପତ୍ତି ନେଇଥିଲେ ଯେ, ସେ ନାରୀରୁ ପାଲଟିବେ ପୁରୁଷ। ଆଉ ଦିନେ ନା ଦିନେ ଜଣେ ଜାଜ୍ ମ୍ୟୁଜିସିଆନ୍ ଭାବରେ ପରିଚିତି ହାସଲ କରିବେ। ଡରୋଥି ଯେତେବେଳେ ବିଲ୍ ଟିପ୍‌ଟନ୍ ଛଦ୍ମରୂପ ଧାରଣ କରି ଜାଜ୍ ମ୍ୟୁଜିସିଆନ୍ ଭାବରେ ପ୍ରସିଦ୍ଧି ହାସଲ କଲେ ସେତେବେଳେ ତାଙ୍କୁ ପ୍ରେମ କରି ବସିଥିଲେ କିଟି ଓକ୍‌ସ ନାମ୍ନୀ ଜନୈକା ସୁନ୍ଦରୀ ଯୁବତୀ। ବିବାହ ପାଇ ଜିଦ୍ କରିଥିଲେ। କିଟିଙ୍କ ଜିଦ୍‌କୁ ସମ୍ମାନ ଦେଇ ତାଙ୍କୁ ବିବାହ କରିଥିଲେ ବିଲ୍ ଓରଫ ଡରୋଥି। ତେବେ କିଟି ଯେତେବେଳେ ସନ୍ତାନ ପାଇଁ ଏବଂ ସହବାସ ପାଇଁ ଜିଦ୍ ଧରିଲେ ଦୂରେଇବାକୁ ଲାଗିଲେ ବିଲ୍। କାରଣ ତାହାଦ୍ୱାରା ତାଙ୍କର ଧରାପଡ଼ି ଯିବାର ଭୟ ଥିଲା। ସେଥିଲାଗି କିଟି ତାଙ୍କୁ ଛାଡ଼ପତ୍ର ଦେଇଥିଲେ।


**ସ୍ୱାମୀଙ୍କୁ ଖୋଜିବା ଲାଗି :** ରୁଷିଆ ଏବଂ ସ୍ୱିଡେନ ମଧ୍ୟରେ ଯୁଦ୍ଧ ଲାଗିଥାଏ। ଏହା ଅଷ୍ଟାଦଶ ଶତାବ୍ଦୀର କଥା। ସେହି ରୁଷୋ–ସିଡିଶ୍ ଯୁଦ୍ଧରେ ଅଂଶ ଗ୍ରହଣ କରିବାକୁ ଚାଲିଯାଆନ୍ତି ପିଟର ହାଗବର୍ଗ। ଘରେ ଛାଡ଼ିଦେଇ ଯାଆନ୍ତି ତାଙ୍କର ନବ ବିବାହିତା ପତ୍ନୀ ବ୍ରିଟା ହାଗବର୍ଗଙ୍କୁ। ମାସ ମାସ ବିତିଯାଏ। ଯୁଦ୍ଧକ୍ଷେତ୍ରରୁ କିଛି ଖବର ଆସେନା। ପିଟର ଜୀବିତ କି ମୃତ ତାହାର କୌଣସି ସୁରାକ୍ ପାଆନ୍ତି ନାହିଁ ବ୍ରିଟା। ମନରେ ସନ୍ଦେହ ଆସେ। ମାତ୍ର ଖବର ନବାର କୌଣସି ଉପାୟ ନ ଥାଏ। ଯୁଦ୍ଧକ୍ଷେତ୍ରକୁ ଯିବା ପାଇଁ ମଧ୍ୟ ଅନୁମତି ନ ଥାଏ ମହିଳାମାନଙ୍କୁ। ବ୍ରିଟା ବି ସହଜରେ ନୀରବ ରହିବା ଭଳି ଜଣେ ମହିଳା ନ ଥିଲେ। ସେ ସ୍ୱାମୀଙ୍କ ଯୁଦ୍ଧ ପୋଷାକ ପିନ୍ଧି ବାହାରି ପଡ଼ିଲେ ଯୁଦ୍ଧକୁ। ହାତରେ ଥାଏ ଅସ୍ତ୍ର। ଉଦ୍ଦେଶ୍ୟ ଯୁଦ୍ଧ ପଡ଼ିଆରେ ସ୍ୱାମୀଙ୍କୁ ଖୋଜିବେ। ଜୀବିତ ଥିଲେ ପାଇବେ। ଯଦି ଯୁଦ୍ଧରେ ପ୍ରାଣ ହରେଇଥାନ୍ତି ତା'ହେଲେ ଫେରିଆସିବେ। ମାତ୍ର ଯୁଦ୍ଧକ୍ଷେତ୍ରରେ ପହଞ୍ଚି ପହଞ୍ଚି ଏକ ବିଚିତ୍ର ଘଟଣା ଘଟିଲା। ଯୁଦ୍ଧର ପରିସ୍ଥିତି ଏତେ ଭୟାବହ ଥିଲା ଯେ, ଠିଆ ହେବା ଲାଗି କାହାରି ପାଖରେ ଦଣ୍ଡେ ସମୟ ନ ଥିଲା। ତେଣୁ ବ୍ରିଟାଙ୍କୁ ଜଣେ ସୈନିକ ବୋଲି ଯୁଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଗଲା। ବ୍ରିଟା ଆଉ କ'ଣ କରିପାରନ୍ତେ ? ଆରମ୍ଭ କଲେ ଯୁଦ୍ଧ। ଏତିକିବେଳେ କମାଣ୍ଡର ହଠାତ୍ ହାଗବର୍ଗ ବୋଲି ପାଟିକରି ଡାକିଲେ। ବ୍ରିଟା ଭାବିଲେ ବୋଧହୁଏ ତାଙ୍କୁ ଡକାଯାଉଛି। ସେ ଜବାବ ଦେଲେ। ଠିକ୍ ସମାନ ସମୟରେ ଆଉଜଣେ ବ୍ୟକ୍ତି ମଧ୍ୟ ଜବାବ ଦେଲେ। ହଠାତ ଦୁଇଜଣ ହାଗବର୍ଗ ଜବାବ ଦେବା ଘଟଣାରେ କମାଣ୍ଡର ଆଶ୍ଚର୍ଯ୍ୟ ହୋଇଗଲେ। ସେମାନଙ୍କୁ ଡକରାଗଲା। ଆରଜଣକ ଥିଲେ ବ୍ରିଟାଙ୍କ ସ୍ୱାମୀ ପିଟର। ଯା'ହେଉ ସ୍ୱାମୀଙ୍କୁ ପାଇଗଲେ ବ୍ରିଟା। ତେବେ ପରମୁହୂର୍ତ୍ତରେ ଭାବିଲେ ଯେ, ତାଙ୍କୁ ଦଣ୍ଡ ମିଳିବ। କାରଣ ବିନା ଅନୁମତିରେ ମହିଳାମାନଙ୍କୁ ଯୁଦ୍ଧକ୍ଷେତ୍ର ବାରଣ ଥିବା ବେଳେ ସେ ଯୁଦ୍ଧକ୍ଷେତ୍ରରେ ପଶି ଯୁଦ୍ଧ କରିଛନ୍ତି। ମାତ୍ର ନା, ସେମିତି କିଛି ଘଟିଲାନି। ଓଲଟି ଯୁଦ୍ଧ ଶେଷହେବା ପରେ ବ୍ରିଟାଙ୍କୁ ସାହସିକତା ସମ୍ମାନରେ ସମ୍ମାନିତ କରାଗଲା।

**କେବଳ ଆକର୍ଷଣ :** ଗାଏଲ ନିୟୁଲାଣ୍ଡ ନାମରେ ଥିଲେ ଜଣେ ବ୍ରିଟେନ୍ ଯୁବତୀ। ସେ ଥିଲେ ଫେସବୁକ୍ ପ୍ରବୀଣା। ଫେସ୍‌ବୁକ୍‌ରେ ସେ ଦେଖିଥିଲେ ଆଉଜଣେ ଯୁବତୀଙ୍କୁ। (ଯୁବତୀଙ୍କର ନାମ ପ୍ରକାଶ କରାଯାଇନାହିଁ)। ଦେଖୁଦେଖୁ ପ୍ରେମରେ ପଡ଼ିଗଲେ। ତାଙ୍କ ଭିତରେ ଏପରି ଆକର୍ଷଣ ବୃଦ୍ଧି ପାଇଲା ଯେ ସେ ସେହି ଯୁବତୀ ଜଣଙ୍କୁ ନିଜର ଶଯ୍ୟା ସଙ୍ଗିନୀ କରିବାକୁ ନିଷ୍ପତ୍ତି ନେଇଗଲେ। ଯୁବତୀଙ୍କର ରୂପ ଏତେ ସୁନ୍ଦର ଥିଲା ଗାଏଲ ଭାବିଲେ ସେ ତାଙ୍କୁ ଉପଭୋଗ କରିବେ। ଫେସ୍‌ବୁକ୍‌ରେ ବନ୍ଧୁତା ହେଲା। ନିଜକୁ ଗାଏଲ ଜଣେ ପୁରୁଷ ବୋଲି ଦର୍ଶାଇଲେ। ସେମାନଙ୍କ ମଧ୍ୟରେ ପ୍ରେମ ହୋଇଗଲା। ଯେତେବେଳ ଯୁବତୀଜଣକ ଗାଏଲଙ୍କୁ ଡେଟିଂରେ ଡାକିଲେ ସେତେବେଳେ ସେ ନିଜକୁ ପୁରୁଷ ବେଶରେ ସଜେଇ ତାଙ୍କ ସହ ଡେଟିଂରେ ଗଲେ। ଖାଲି ଡେଟିଂରେ ଗଲେ ନାହିଁ ; ଯୁବତୀ ଜଣଙ୍କ ସହିତ ଅନ୍ତରଙ୍ଗ ସ୍ଥାପନ କରିବା ନିମନ୍ତେ ସେ ପ୍ଲାଷ୍ଟିକ୍ ସର୍ଜରୀ କରି ଏକ ପୁରୁଷାଙ୍ଗ ପ୍ରସ୍ତୁତ କଲେ ଓ ତାଙ୍କ ସହିତ ଗୋପନ ସମ୍ପର୍କ ରଖିଲେ। ମାତ୍ର କିଛିଦିନ ପରେ ଯୁବତୀ ଜଣକ ଜାଣିଗଲେ ଯେ, ଗାଏଲ ବାସ୍ତବରେ ଜଣେ ପୁଅ ନୁହେଁ ; ସେ ତାଙ୍କରି ପରି ଜଣେ ଝିଅ। ଅଦାଲତର ଆଶ୍ରୟ ନେଲେ। ଆଉ ଜଣେ ଯୁବତୀକୁ ବଳାତ୍କାର କରିଥିବା ଅଭିଯୋଗରେ ତାଙ୍କୁ ଜେଲ ଦଣ୍ଡାଦେଶ ମଧ୍ୟ ହୋଇଥିଲା।

–ରାଜେନ୍ଦ୍ର ରାଉଳ







ଫ୍ରାନ୍ସିସ୍ କ୍ଲାଇନ



# ଅନୁରାଧା ଭଟ୍ଟାଚାର୍ଯ୍ୟ


ପ୍ରଥମେ ମନରେ ଜନ୍ମନିଏ ଫାଣ୍ଟାସୀ। ଏହାକୁ ନେଇ ଜଣେ ମନ ଭିତରେ ଚିତ୍ର ଆଙ୍କେ। ତା'ପରେ ତାହା କଳା ବା ସାହିତ୍ୟର ରୂପ ନିଏ। ତେବେ ମନରେ ସୃଷ୍ଟି ହେଉଥିବା ଫାଣ୍ଟାସୀ ଉପରେ ଲଗାମ ଦେବା ନିହାତି ଦରକାର। କାରଣ ମନ ସବୁବେଳେ ଚଳଚଞ୍ଚଳ। ତାହା ସଦାସର୍ବଦା ଆକାଶରେ ଉଡୁଥାଏ। ଆକାଶରେ ଉଡୁଥିବା ସେହି ମନକୁ ଆଣି ମାଟିରେ ଠିଆ କରେଇବା ଦରକାର। ଏକଥା କହନ୍ତି ଜଣେ ଭାରତୀୟ ଯୁବପିଢ଼ିର ଲେଖିକା ଅନୁରାଧା ଭଟ୍ଟାଚାର୍ଯ୍ୟ। ଅନୁରାଧା ଇଂରାଜୀରେ ଲେଖୁଥିବା ଭାରତୀୟ ଯୁବପିଢ଼ିର ଏକ ବଳିଷ୍ଠ ସ୍ୱର। ସେ କବିତା ଲେଖନ୍ତି। ପୁଣି ଗପ, ଉପନ୍ୟାସ ବି ଲେଖନ୍ତି। ତାଙ୍କ ଏକାଧିକ କବିତା ସଂକଳନ ତଥା ଗଳ୍ପ ଓ ଉପନ୍ୟାସ ସଂକଳନ ରହିଛି। ସେ ଚଣ୍ଡିଗଡ଼ ସାହିତ୍ୟ ଏକାଡେମୀ ପୁରସ୍କାର ହାସଲ କରିଛନ୍ତି। ବୃତ୍ତିରେ ଜଣେ ଇଂରାଜୀ ଅଧ୍ୟାପିକା ହୋଇଥିଲେ ମଧ୍ୟ ତାଙ୍କର ପ୍ରବୃତ୍ତି ହେଉଛି ସାହିତ୍ୟ ସୃଷ୍ଟି କରିବା। ସମ୍ପ୍ରତି ସେ ଚଣ୍ଡିଗଡ଼ର ପୋଷ୍ଟ ଗ୍ରାଜୁଏଟ ଗଭର୍ନମେଣ୍ଟ କଲେଜର ଜଣେ ଆସୋସିଏଟ୍ ପ୍ରଫେସର ଭାବରେ କାର୍ଯ୍ୟରତ ଅଛନ୍ତି। ୨୦୧୬ ମସିହାରେ ଏକାଡେମୀ ଦ୍ୱାରା ସମ୍ମାନିତ ହେଇଥିଲେ। ମନସ୍ତତ୍ତ୍ୱ ସହିତ ସାମ୍ପ୍ରତିକ ସମୟର ବିଚାରବୋଧ ହେଉଛି ତାଙ୍କ ରଚନାର ବିଶେଷତ୍ୱ।




**ଜନ୍ମ ଓ ପାଠପଢ଼ା :** ୧୯୭୫ ମସିହାରେ କୋଲକାତାରେ ଅନୁରାଧା ଭଟ୍ଟାଚାର୍ଯ୍ୟଙ୍କ ଜନ୍ମ। ପିତା ତପନ କୁମାର ଭଟ୍ଟାଚାର୍ଯ୍ୟ ଏବଂ ମା' ଚିତ୍ରା ଭଟ୍ଟାଚାର୍ଯ୍ୟ। ପଦ୍ମ ପୁରସ୍କାରପ୍ରାପ୍ତ ଅଶୋକ କୁମାର ଭଟ୍ଟାଚାର୍ଯ୍ୟ ଥିଲେ ତାଙ୍କର ଅଜା। ୨୦୧୭ରେ ଅଶୋକ କୁମାର ଭଟ୍ଟାଚାର୍ଯ୍ୟଙ୍କୁ ଭାରତ ସରକାର ପଦ୍ମ ପୁରସ୍କାରରେ ସମ୍ମାନିତ କରିଥିଲେ। ତାଙ୍କ ଜନ୍ମର କିଛି ବର୍ଷ ପରେ ତାଙ୍କ ପରିବାର ରୁର୍କି ଚାଲିଆସିଲେ। ସେଣ୍ଟ ଆନ୍ସ ସିନିୟର ସେକେଣ୍ଡାରୀ ସ୍କୁଲରେ ତାଙ୍କର ପାଠପଢ଼ା ଆରମ୍ଭ ହେଲା। ପରେ ପରେ ସେ ରାଜସ୍ଥାନର ବନସ୍ଥଳୀ ବିଦ୍ୟାପୀଠରେ ଆସି ନାମ ଲେଖାଇଲେ। ଇଂରାଜୀ ପଢ଼ିବାକୁ ସେ ବେଶି ଭଲ ପାଉଥିଲେ। ତେଣୁ ବଡ଼ ହୋଇ ଇଂରାଜୀ ସାହିତ୍ୟ ପଢ଼ିବାକୁ ଲକ୍ଷ୍ୟ ରଖିଥିଲେ। ସ୍ନାତକ ଶେଷ କରିବା ପରେ ସେ କୋଲକାତାର ଯାଦବପୁର ୟୁନିଭର୍ସିଟିକୁ ଆସି ଇଂରାଜୀ ସାହିତ୍ୟରେ ପୋଷ୍ଟ ଗ୍ରାଜୁଏଶନ କଲେ। ସେତେବେଳକୁ ସେ ଲେଖାଲେଖି କରିବା ଆରମ୍ଭ କରି ସାରିଥିଲେ। ସେ ମୁଖ୍ୟତଃ ଇଂରାଜୀରେ ହିଁ ଲେଖୁଥିଲେ। ଯାଦବପୁର ୟୁନିଭର୍ସିଟିରେ ପୋଷ୍ଟ ଗ୍ରାଜୁଏଶନ କରିବା ବେଳେ ହିଁ ତାଙ୍କର ପ୍ରଥମ କବିତା ବହି ପ୍ରକାଶିତ ହୋଇଥିଲା। ଏହା ହେଉଛି ୧୯୯୮ ମସିହା କଥା। ପି.ଲାଲ୍ ନାମକ ଜଣେ ବ୍ୟକ୍ତି ତାଙ୍କର ନିଜସ୍ୱ ପ୍ରକାଶନୀ ସଂସ୍ଥା 'ରାଇଟର୍ସ ୱାର୍କଶପ୍'ରେ ହିଁ ତାଙ୍କର ପ୍ରଥମ ବହି ପ୍ରକାଶ କରିଥିଲେ।


**ଗବେଷଣା:** ଅନୁରାଧା ଥିଲେ ଜଣେ ରିସର୍ଚ୍ଚ ସ୍କଲାର। ଖଡ଼ଗପୁରସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସ ବିଭାଗରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ ଥିଲା ସାହିତ୍ୟ ଓ ମନସ୍ତାତ୍ତ୍ୱିକ ବିଶ୍ଳେଷଣ। ୨୦୦୫ରେ ସେ ଗବେଷଣା ଶେଷକଲେ ଏବଂ ଡକ୍ଟର ଉପାଧି ଲାଭକଲେ। ୨୦୦୬ରେ ତାଙ୍କର ଚାକିରି ଜୀବନ ଆରମ୍ଭ ହେଲା। ସେ ନିୟମିତ ଭାବରେ କବିତା ଲେଖୁଥିଲେ ଏବଂ ତାଙ୍କର କବିତା ସବୁ ନିୟମିତ ଭାବରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା। ଖୁବ୍ କମ୍ ବୟସରୁ ସେ ସାହିତ୍ୟ ଜଗତରେ ନିଜର ଏକ ପରିଚିତି ହାସଲ କରିପାରିଥିଲେ। ଅନୁରାଧା ବିବାହିତା। ତାଙ୍କର ଗୋଟିଏ ଝିଅ ମଧ୍ୟ ଅଛି।




**କବିତାରୁ ଉପନ୍ୟାସ :** ୨୦୧୦ ପରେ ସେ ଉପନ୍ୟାସ ରଚନାରେ ହାତଦେଲେ। ତାଙ୍କର ପ୍ରଥମ ଉପନ୍ୟାସ 'ଦି ରୋଡ୍ ଟେକେନ୍'। ଏହା କ୍ରିଏଟିଭ କ୍ରୋ ପ୍ରକାଶନୀ ସଂସ୍ଥା ଦ୍ୱାରା ୨୦୧୫ରେ ପ୍ରକାଶ ପାଇଲା। କ୍ରିଏଟିଭ କ୍ରୋର ମୁଖ୍ୟ କଲୋନେଲ ମହିପ ଚଡ଼ା ଏହି ଉପନ୍ୟାସକୁ ଏକ ଉଚ୍ଚକୋଟିର ଉପନ୍ୟାସ ଭାବରେ ବିବେଚନା କରିଥିଲେ। ଉପନ୍ୟାସ ଲେଖିବା ସହିତ ସେ ଗଳ୍ପ ରଚନାରେ ମଧ୍ୟ ମନୋନିବେଶ କଲେ। ବିଭିନ୍ନ ପତ୍ରପତ୍ରିକା ତଥା ଇ-ଜର୍ନାଲରେ ତାଙ୍କର ଗଳ୍ପ ସବୁ ପ୍ରକାଶ ପାଇ ତାଙ୍କୁ ଖ୍ୟାତି ଆଣିଦେଲା। ୨୦୧୬ରେ କାଫ୍ଲା ଇଣ୍ଟରକଣ୍ଟିନେଣ୍ଟାଲ ତାଙ୍କୁ 'ସାହିତ୍ୟଶ୍ରୀ' ସମ୍ମାନରେ ସମ୍ମାନିତ କରିଥିଲା। ତାଙ୍କର ଦ୍ୱିତୀୟ ଉପନ୍ୟାସ 'ୱାନ୍ ୱାର୍ଲଡ'କୁ ଚଣ୍ଡିଗଡ଼ ସାହିତ୍ୟ ଏକାଡେମି ବେଷ୍ଟ ବୁକ୍ ଅଫ୍ ଦି ଇୟର ବୋଲି ଘୋଷଣା କରିଥିଲା।

**କମ୍ ବୟସରୁ ଲେଖିକା :** ଖୁବ୍ କମ୍ ବୟସରୁ ଅନୁରାଧା କବିତା ଲେଖା ଆରମ୍ଭ କରିଥିଲେ। ସବୁଠୁ କୌତୂହଳର ବିଷୟ ସେ ଜାଣି ନ ଥିଲେ ଯେ, ସେ ଯାହା ସବୁ ଲେଖୁଛନ୍ତି ସେସବୁ ହେଉଛି କବିତା। ଏ ବିଷୟରେ ସେ ଏକ ସାକ୍ଷାତ୍କାରରେ କହିଥିଲେ ଯେ, ସେ ଯେତେବେଳେ ମାଇନର ସ୍କୁଲରେ ପଢୁଥିଲେ ସେତେବେଳେ ତାଙ୍କ ଭିତରେ ଏକ ବିଚିତ୍ର ଅନୁଭବ ସୃଷ୍ଟି ହେଉଥିଲା। କଲମ ଧରିବାକୁ ତାଙ୍କର ହାତ ଚାଲିଯାଉଥିଲା। ଆଉ ସେ କିଛି ନା କିଛି ଲେଖିବାକୁ ଇଚ୍ଛା କରୁଥିଲେ। ତେବେ କ'ଣ ଲେଖିବେ ସେକଥା ଜାଣିପାରୁ ନ ଥିଲେ। ସେ ସବୁବେଳେ ତାଙ୍କ ପାଖରେ ଏକ ଡାଏରି ରଖୁଥିଲେ। ଘରେ ତାଙ୍କୁ ପଢ଼ିବା ପାଇଁ ଅନେକ ବହି ଆଣିଦେଇଥିଲେ। ସେ ପଢ଼ାବହି ଛାଡ଼ି ସେସବୁ ବହି ପଢୁଥିଲେ। ଧୀରେଧୀରେ ତାଙ୍କ ମନକୁ ଭାବନା ଆସିଲା ଆଉ ସେ ଯାହା ଭାବୁଥିଲେ ସେସବୁକୁ ପାଖରେ ରଖିଥିବା ଡାଏରିରେ ଲେଖି ରଖୁଥିଲେ।

**ଅନ୍ତର୍ଦୃଷ୍ଟିରୁ ଆସେ ସାହିତ୍ୟ :** ଏକ ସୃଷ୍ଟିଶୀଳ ରଚନା କରିବା ପାଇଁ ଉଚ୍ଚଶିକ୍ଷା ହାସଲ କରିବା ନିହାତି ଦରକାର ନୁହେଁ ବୋଲି କହନ୍ତି ଅନୁରାଧା ଭଟ୍ଟାଚାର୍ଯ୍ୟ। ସର୍ଜନଶୀଳତା ଈଶ୍ୱର ପ୍ରଦତ୍ତ। ସମସ୍ତେ ଚାହିଁଲେ ଲେଖିଦେଇପାରିବେ। ମାତ୍ର ସେ ଲେଖା ସବୁକୁ ସମୟ ସ୍ୱୀକାର କରିବନି। ଶହଶହ ବହି ପଢ଼ିଲେ ଯେ ଜଣେ ଲେଖକ ହୋଇଯିବ ତାହା ଭାବିବା ବୋକାମି। ସାହିତ୍ୟ ହୃଦୟରୁ ସୃଷ୍ଟିହୁଏ। ଭଗବାନ ସମସ୍ତଙ୍କୁ ଅନ୍ତର୍ଦୃଷ୍ଟି ଦେଇ ନ ଥାନ୍ତି। କେବଳ ନିର୍ଦ୍ଦିଷ୍ଟ କିଛି ଲୋକଙ୍କୁ ତାହା ମିଳିଥାଏ। ଆଉ ସେହିମାନେ ହିଁ ଲେଖକ, ଚିତ୍ରକର ଭାବରେ ନିଜର ପରିଚୟ ତିଆରି କରିଥାନ୍ତି।








# ଚୋର

ପ୍ରୀତିପ୍ରିୟା ମହାନ୍ତି

ରାଜୀବବାବୁଙ୍କ ଧର୍ମପତ୍ନୀର କାନ ଅତଡ଼ା ପକଉଥିବା ଗର୍ଜନ ଶୁଣି ରାତି ତିନିରୁ ଘରେ ହୋହାଲ୍ଲା। ଝିଅ ଘଣ୍ଟାଏ ହବ ଚେଇଁ ପୁଣି ଶୋଇପଡ଼ିଲା। ସ୍ତ୍ରୀ ତାଙ୍କର ରାତି ନ ପାହୁଣୁ ସବୁ ଜିନିଷ ଖୋଲି ରଖିସାରିଲେଣି। ଛି..ଏ ଜିନିଷ ପିନ୍ଧା। ଏ ଜିନିଷ ପିନ୍ଧିବ କାହିଁକି ଅକାଳେ ମରଣକୁ ଡାକିବ କାହିଁକି। ଆଜି ଜିନିଷ ଗଲା, କିଏ ଜାଣେ ଲୋ ମାଆ ଜୀବନ ବି ନେଇଯିବେ ଏମାନେ। ରାଜୀବବାବୁ ସ୍ତ୍ରୀଙ୍କର ଏ ରୂପ ଦେଖି କହିଲେ, କି କଥା ଏଗୁଡ଼ା ବେକରୁ କାନରୁ ସବୁ କାଇଁ ଖୋଲିଦେଲ ? ପିନ୍ଧିବି ଯେ କେବଳ ଛୋଟ ଛୋଟ କାନର ହଳେ ଯାହା ପିନ୍ଧିବି। ହେଲେ,ମୋ ମନରୁ ଟିକେ ଡର ଛାଡୁ ଆଗ। ବଡ଼ ଜିନିଷ ପିନ୍ଧିବାର ନାଁ ଆଉ ଧରନି। ସେ ଜିନିଷ ତ ନେଲା ନେଲା, ମୋ ବେକଟାରେ ଯାହା ହାତ ମାରିଦେଲା। ମତେ ତ ଭାରି ଭୟ ଲାଗୁଛି। ରାଜୀବବାବୁ ଗୁଣୁଗୁଣେଇ କହୁଥାନ୍ତି –ଘରକୁ ପବନ ଟିକେ ଆସିବ ବୋଲି ମଣିଷ କବାଟଟା ଅଧା ଖୋଲାକରି ଶୋଇଥିଲା। ଏମିତି ଟିକେ ଗଡୁ ଗଡୁ କେତେବେଳେ ନିଦ ବି ହୋଇଗଲା ଜାଣିପାରିଲିନି। ଆଉ ଚଳିହବନି ଏ ଦୁନିଆରେ। ଘୋର କଳିକାଳ। ଘରୁ କିଛି ସେମିତି ଜିନିଷ ନ ପାଇ ସିଧା ତମ ଚେନ୍ ଉପରେ ନଜର ପକେଇଛି ବୋଧେ। ଆଚ୍ଛା....ତମେ କ'ଣ ତା' ମୁହଁ ଦେଖିନ ? ନା ନା ନିଦ ବୋଧେ ପ୍ରବଳ ହୋଇଯାଇଥିଲା ଦେଖିପାରିନି। ମୁଁ ତ' ମୁହଁ ତଳକୁ ମାଡ଼ି ଶୋଇଥିଲି। ଧର୍ମପତ୍ନୀ ପଚାରିଲେ– ଆଚ୍ଛା, ତମେ କ'ଣ କରୁଥିଲ ଶୁଣେ ସେ ଚୋରକୁ ଧରିପାରିଲନି। ରାଜୀବବାବୁ କହିଲେ,ତମେ ତ ଶୋଇଥିଲ,ରାତି ତିନିରେ ବୋଧେ ମୁଁ ଅନେଇ ବସିଥିଲି ସେ ଚୋର ଆସିବ ଆଉ ମୁଁ ତାକୁ ଧରିବି। ହଉ ହଉ ଛାଡ଼ ଯାହା ହବାର କଥା ହେଲା ଆଉ ସୁନା ଜିନିଷ କିଣିବିନି କି ପିନ୍ଧିବିନି। ମୋ ଜିନିଷ ପିନ୍ଧା ସେତିକିରେ ଥାଉ। ରାଜୀବବାବୁ ଦୌଡ଼ି ଆସି କହିଲେ, ଆରେ ନିଅ ନିଅ ଚୋର ଦୌଡ଼ି ପଳେଇଲା ବେଳେ ତା' ପକେଟରୁ ବୋଧେ ତୁମ ଚେନ୍ ଖସିଯାଇଛି। ନିଅ ପିନ୍ଧିଦିଅ। ଧର୍ମପତ୍ନୀ ଚେନ୍ ଦେଖି ଖୁସି ହେଇଗଲେ, କିନ୍ତୁ ମନ ଦୁଃଖରେ କହିଲେ, ଥାଉ ଆଉ ମୁଁ ପିନ୍ଧିବିନି। ଏ ଜିନିଷ ସବୁ ନେଇ ବ୍ୟାଙ୍କ ଲକରରେ ରଖିଦିଅ। ଝିଅ ବାହାଘର ବେଳେ କାମରେ ଆସିବ। ରାଜୀବବାବୁ ମନେ ମନେ କହୁଥାଆନ୍ତି ଯା' ହଉ ଭଲ କାମ ଦେଲା ଏ ନାଟକଟା। ବୁଝେଇ ବୁଝେଇ ଆଜି ଯାଏଁ ବୁଝୁ ନ ଥିଲା। ଭଲ ହେଲା ସୁନାର ଭୂତ ଓହ୍ଲେଇଗଲା ଯା ମୁଣ୍ଡରୁ। ବାହାହେବା ଦିନରୁ ମଣିଷକୁ କାଙ୍ଗାଳ କରିଦେଲାଣି।

*–ମୟୂରଝାଲିଆ, ରଣପୁର, ନୟାଗଡ଼*



## ପ୍ରେମ

–ଯାଜ୍ଞସେନୀ ସାହୁ

ତୁ କିଏ ?
କେବେ ତୁ ଚିରହରିତ୍,
ତ କେବେ ଦେଉ ପତ୍ରଝଡ଼ା
ତୁ କ'ଣ ଏଡ଼େ ଅପୂର୍ବ ?
କାହା ପାଇଁ ତୁ ପ୍ରତିଶ୍ରୁତି,
ତ କାହା ପାଇଁ ପ୍ରତିଶୋଧ
କେଉଁ ମାୟାବୀ ଟେ ତୁ ?
ତୋ ସନ୍ଧାନେ
କିଏ ଏଠି ପାଗଳ
ତ କିଏ ସାଜେ କବି
ଏମିତି
କେଉଁ ସ୍ୱର୍ଗୀୟ ଚିଜ ତୁ ?
କରିଦେଉ ବାଟବଣା
ଭରି ଉତ୍ସାହ ତ
କେବେ ହୋଇ ଉତ୍କଟ
କ'ଣ ତୋ ରୂପ ?
କରୁ ଜୀବନକୁ ରଙ୍ଗୀନ
ତ କେବେ କରୁ ଖିନ୍‌ଭିନ୍

କହ କିଏ ତୁ ?
କ'ଣ ତୋ ସତ୍ତା ?
ତୁ କ'ଣ ସେଇ ପ୍ରେମ ?

*–ସେମିଳିଗୁଡ଼ା,କୋରାପୁଟ*

## ଧୈର୍ଯ୍ୟ

*–ଦିଲୀପ କୁମାର ତ୍ରିପାଠୀ*

ମୁଁ ମୋ କଥା କହି ଚାଲିଥାଏ
ଶୁଣୁଥିବା ଲୋକଙ୍କ ଭିଡ଼ କମି କମି
ଆସୁଥାଏ
ଶେଷରେ ମୁଁ ଏକା ରହିଲି
ଆଉ କେହି ଜଣେ ଆଣ୍ଠୁମାଡ଼ି
ମୋତେ ବଲବଲ କରି ଦେଖୁଥାଏ
ପଚାରିଲାରୁ କହିଲା–ମୁଁ 'ଧୈର୍ଯ୍ୟ'

ମୁଁ ହସିଲି ଠୋ ଠୋ ହେଇ
ସେ ଆଶ୍ଚର୍ଯ୍ୟ ହେଲା,
ଅନୁରୋଧ କଲା ଶିଖିବାକୁ ମୋଠାରୁ
ଧୈର୍ଯ୍ୟ
ମୁଁ ରୋକ୍‌ଠୋକ୍ ମନାକଲି
ଖାଲି ଏତିକି କହିଲି –
ଯା' ଜଞ୍ଜାଳକୁ ଜଳ କରି ଗାଧୋଇବୁ
ନ ହେଲେ ଜ୍ୱାଳା କରି ନିଆଁ
ପୋଇଁ ହବୁ
ତା'ହେଲେ ଶିଖିବାକୁ
ପଡ଼ିବନି ଧୈର୍ଯ୍ୟ !!

*–ଢେଙ୍କାନାଳ, ପର୍ଜଙ୍ଗ,*
*କୁନ୍ଦନଦେଇପୁର ଶାସନ*

## ତିନୋଟି ଏକପଦୀ

–ଭରତ ଚନ୍ଦ୍ର ଦାଶ

ଏକ

ବସନ୍ତ ଆଣିଛି ମିଳନର ବାର୍ତ୍ତା
କୋଇଲି ଗାଉଛି ଗୀତ
ଅଙ୍ଗେ ଅଙ୍ଗେ ତୁମ ରୋମାଞ୍ଚ ଭରିଛ
ବିଦାୟ ନେଲାଣି ଶୀତ।

ଦୁଇ

ମଳୟ ଉଡାଏ ପଣତ ତୁମର
ଉଡିଯାଏ ମୋର ପ୍ରାଣ
ଚୋରା ଚଇତାଳି ରସିକତା ବୋଳି
ଚୋରାଇ ନିଏ ମୋ ମନ ।

ତିନି

ହସି ଦେଲେ ତୁମେ ମଧୁ ବରଷଇ
ଚଇତାଳି ବାଆ ବହେ
ମଳୟ ପବନ କରେ ଆନମନ
ତୁମ କଥା କହୁଥାଏ।

*–ମାର୍କୋଣା, ବାଲେଶ୍ୱର*



## ନବାଗତା ଅଲାୟା



ଆଉ ଜଣେ ନବାଗତା ବଲିଉଡ୍‌ରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ସେ ହେଲେ ଅଲାୟା ଫର୍ନିଚରୱାଲା। ସେ ହେଉଛନ୍ତି ବିଗତ ଦିନର ଅଭିନେତ୍ରୀ ପୂଜା ବେଦୀଙ୍କ ଝିଅ। ନୂଆ ସିନେମା 'ଯୱାନୀ ଜାନେମନ୍'ରୁ ସେ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିବେ। ଏଥିପାଇଁ ନିକଟରେ ଏକ ଫଟୋ ସେଶନ ହୋଇଥିଲା। ଏହି ଅବସରରେ ସେ ନିଜ ମନ କଥା କହିବାକୁ ପଛାଇ ନ ଥିଲେ। ସେ କହିଥିଲେ, 'ମୋର ଜୀବନର ସବୁଠାରୁ ବଡ଼ ଆଶା ଆଜି ପୂରଣ ହୋଇଛି। ହିନ୍ଦୀ ସିନେମାରେ କେବେ ଅଭିନୟ କରିବି ସେ ନେଇ ମୁଁ ଚାହିଁ ବସିଥିଲି। ଯାହାହେଉ ତାହା ଆଜି ପୂରଣ ହୋଇଛି। କେବଳ ମୋର ପ୍ରଥମ ସିନେମା ନୁହେଁ, ଭବିଷ୍ୟତରେ କୌଣସି ଅଫର ମିଳିଲେ ମୁଁ କେବଳ ଭଲ କାହାଣୀକୁ ହିଁ ଗୁରୁତ୍ୱ ଦେବି।' ନୀତୀନ କକ୍କରଙ୍କ ଏହି ଫିଲ୍ମରେ ଫ୍ୟାମିଲି ଡ୍ରାମା ଏବଂ କମେଡି ତଡକା ରହିଛି। ଏଥିରେ ଅଲାୟା ଜଣେ ୨୧ବର୍ଷ ବୟସ୍କା ଯୁବତୀ ଭୂମିକାରେ ଅଭିନୟ କରୁଛନ୍ତି। ଜଣେ ୪୦ବର୍ଷ ବୟସ୍କ ବ୍ୟକ୍ତି କିପରି ତାଙ୍କୁ ପ୍ରେମ କରି ବସୁଛି ଏବଂ ତାହାର ଶେଷ ପରିଣତି କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ତେବେ ଫିଲ୍ମଟି ଅଲାୟାଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

# ସାଙ୍ଗ ହେବ ଏମିତି

ତାପସୀ ପାନ୍ନୁଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ତାଙ୍କ ଅଭିନୀତ ତଥା ଅନୁଭବ ସିହ୍ନାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଥପ୍ପଡ' ରିଲିଜ ଅପେକ୍ଷାରେ ରହିଛି। ଏହାର ପ୍ରମୋ ସମୟରେ ତାପସୀ ଜଣଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ସେ ହେଲେ ସୋନମ କପୁର। ନିଜ ଫିଲ୍ମ ସମ୍ପର୍କରେ ସୂଚନା ଦେବା ସମୟରେ ତାପସୀ କହିଥିଲେ ଯେ, 'ଏହି ଫିଲ୍ମରେ ମୋତେ ଯେଉଁ ଭୂମିକା ମିଳିଛି ତାହା ମୋ କ୍ୟାରିୟର ପାଇଁ ମାଇଲ ଷ୍ଟୋନ୍ ସାବ୍ୟସ୍ତ ହେବ। ମୋ ରୋଲ୍ ବିଷୟରେ ଜାଣିବା ପରେ ସୋନମ ମୋତେ ଫୋନ୍ କରି ଯେଉଁ ଦି' ପଦ କଥା ହୋଇଥିଲେ ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ। ୟା ଭିତରେ ଆମ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଛି। ଗୋଟିଏ କଥା-ସେ ହିଁ ହେଉଛନ୍ତି ମୋର ବେଷ୍ଟ ଫ୍ରେଣ୍ଡ। ତାଙ୍କୁ ଯେତେ ପ୍ରଶଂସା କଲେ ତାହା ମୋ ପାଇଁ କମ୍ ହେବ।' ସେପଟେ ସୋନମ ମଧ୍ୟ ପଛରେ ପଡି ନାହାନ୍ତି। ଯୁଆଡ଼େ ଗଲେ ସେ ତାପସୀଙ୍କୁ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। ଏକ ଘରୋଇ ହିଂସାଜନିତ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହୋଇଛି। ଜଣେ ମହିଳା କେତେ ସ୍ୱାଭିମାନୀ ହୋଇପାରେ ତାହା ଉକ୍ତ ସିନେମାରେ ଦେଖିବାକୁ ମିଳିବ।



ତାପସୀ



ସୋନମ୍

# ସମ୍ମିତ ଯାହା ଚାହୁଁଥିଲେ...

ଏକ ଅପେରା ନାଟକକୁ ଓଡ଼ିଆ ସିନେମାର ରୂପ ଦେଉଛନ୍ତି ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରା। ନାଟକଟି ହେଲା 'ବାଜିବ ଲୋ ସାହାନାଇ'। ଜଲିଉଡ୍‌ର ଆଗଧାଡିର ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏବଂ ଗୌରୀ ଗଣନାଟ୍ୟ ପରିବେଷିତ ଏହି ଅପେରା ନାଟକ ସୁପରହିଟ୍ ହୋଇଥିଲା। ଖାସ୍ କଥା ହେଲା, 'ବାଜିବ ଲୋ ସାହାନାଇ' ଶୀର୍ଷକ ଓଡ଼ିଆ ସିନେମାରେ ଦୁଇଜଣ ନାୟକ- ସମ୍ମିତ ଏବଂ ଅମ୍ଲାନ କୁମାରଙ୍କୁ ଏକାଠି ଦେଖିବାକୁ ମିଳିବ। ଏଥିରେ ସମ୍ମିତ ଏକ ଚ୍ୟାଲେଞ୍ଜିଂ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। କେବଳ ସେତିକି ନୁହେଁ, ଯେଉଁଭଳି ଭିନ୍ନ ରୋଲ୍‌ରେ ସେ ଦର୍ଶକଙ୍କ ସାମନାକୁ ଆସିବାକୁ ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଏଥିରେ ତାଙ୍କର ନାୟିକା ଭାବରେ ଅବତୀର୍ଣ୍ଣ ହୋଇଛନ୍ତି ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଶୁଭବିବାହରେ ସାହାନାଇଟିଏ ଲୋଡା ପଡ଼େ। ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି କଳା ଅନ୍ଧାର ଘୋଟି ଆସେ ଆଉ ତା'ପରେ କ'ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ମିତ, ଅମ୍ଲାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ୍ୟ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)। ଅପରପକ୍ଷରେ ଫିଲ୍ମର କାହାଣୀ, ଉପସ୍ଥାପନା, ଗୀତକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ପ୍ରଯୋଜକ ଜନ୍ମେଜୟ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ହେଲେ ହିଁ ଜଣାପଡ଼ିବ।



ସମ୍ମିତ୍

## ଡରି ଯାଇଥିଲେ ଆୟୁଷ୍ମାନ


ଆୟୁଷ୍ମାନ ଖୁରାନାଙ୍କ ଡିମାଣ୍ଡ ଏବେ କହିଲେ ନ ସରେ। ତାଙ୍କ ହାତରେ ଏବେ ବ୍ୟାକ୍-ଟୁ-ବ୍ୟାକ୍ ଫିଲ୍ମ। ବର୍ତ୍ତମାନ ସେ 'ଗୁଲାବୋ ସୀତାବୋ' ଫିଲ୍ମରେ ଆକ୍ଟିଂ କରୁଛନ୍ତି। ହେଲେ ଯେତେବେଳେ ଏହି ଅଫରଟି ତାଙ୍କୁ ମିଳିଲା ସେତେବେଳେ ସେ ଟିକେ ଡରି ଯାଇଥିଲେ। କାରଣ ଏଥିରେ ତାଙ୍କୁ ଯାହାଙ୍କ ସହ ଅଭିନୟ କରିବାକୁ କୁହାଗଲା, ତାହା ଜାଣିବା ପରେ ସେ ଦୋଛକିରେ ପଡିଯାଇଥିଲେ। ଏହି ଫିଲ୍ମରେ ମିଲେନିୟମ ଷ୍ଟାର ତଥା ତାଙ୍କର ରୋଲ୍ ମଡେଲ ଅମିତାଭ ବଚ୍ଚନଙ୍କ ସହ ସେ ଅଭିନୟ କରୁଛନ୍ତି। 'ଏପରି ଜଣେ ମହାନ୍ ଅଭିନେତାଙ୍କ ସହ ଆକ୍ଟିଂ କରିବା ଭାଗ୍ୟରେ ଥିଲେ ମିଳେ। ମୁଁ ଯେତେବେଳେ ଏକଥା ଶୁଣିଲି ସେତେବେଳେ ବିଶ୍ୱାସ କରିପାରି ନ ଥିଲି। ହେଲେ ବେଶ୍ ସାହସର ସହ ଶଟ୍ ଦେଇଥିଲି। ଶୁଟିଂ ବ୍ରେକ୍ ସମୟରେ ଯେତେବେଳେ ଅମିତଜୀ (ଅମିତାଭ)ଙ୍କ ସହ କଥା ହେଲି ମୋ ମନରୁ ସମସ୍ତ ଭୟ ଦୂର ହୋଇଯାଇଥିଲା। ତାଙ୍କର ଟିପ୍ସ ମୋ ପାଇଁ ଆଶୀର୍ବାଦ ବୋଲି କହିଛନ୍ତି ଆୟୁଷ୍ମାନ।' ଜଣେ ଜମିଦାର ଏବଂ ଚାଷୀର ଜୀବନକୁ ଆଧାର କରି ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ସୁଜିତ୍ ସିରକାର୍।



ଆୟୁଷ୍ମାନ

## ଦିନ ଗଣୁଛନ୍ତି କ୍ୟାଟ୍ରିନା

କ୍ୟାଟ୍ରିନା ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କେହି କେହି ହୁଏତ ଭାବୁଥିବେ ଯେ ବୋଧହୁଏ ଘର ସଂସାର କରିବାକୁ ମନ ବଳାଇଲେଣି। ହେଲେ ପ୍ରକୃତ କଥା ସେଇଆ ନୁହେଁ। ଯେଉଁ ଫିଲ୍ମର ରିଲିଜ ଡେଟ୍‌କୁ ନେଇ ସେ ପ୍ରତୀକ୍ଷା କରିଥିଲେ ତାହା ଶେଷରେ ଫାଇନାଲ ହୋଇଛି। ଫିଲ୍ମଟି ହେଲା 'ସୂର୍ଯ୍ୟବଂଶୀ, ଯାହା ଚଳିତ ବର୍ଷ ମାର୍ଚ୍ଚ ୨୪ରେ ପରଦା ଉପରକୁ ଆସିବାର ଅଛି । ଏହି ଆକ୍ସନଥ୍ରୀଲର ସିନେମାରେ କ୍ୟାଟ୍ରିନା କୈଫ ଜଣେ ଡାକ୍ତର (ଡା. ଆଦିତି ସୂର୍ଯ୍ୟବଂଶୀ) ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଅପୋଜିଟ୍‌ରେ ଏଥିରେ ଅଛନ୍ତି ଅକ୍ଷୟ କୁମାର। ସେ ଏକ ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍‌ର ଡିସିପି (ବୀର୍ ସୂର୍ଯ୍ୟବଂଶୀ) ଚରିତ୍ରରେ ଦେଖାଦେବେ। ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ମୋତେ ଏଥିରେ ଯେଉଁ ଭୂମିକା ମିଳିଛି ତାହା ମୁଁ ବେଶ୍ ସୁଚାରୁ ରୂପେ ତୁଲାଇଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। ମୋ ରୋଲ୍‌ରେ କେତେ ଦମ୍ ଅଛି ତାହା ସେମାନେ ଫିଲ୍ମଟି ଦେଖିବା ପରେ ହିଁ ଜାଣିପାରିବେ।' ଅକ୍ଷୟ କୁମାର, କ୍ୟାଟ୍ରିନାଙ୍କ ବ୍ୟତୀତ ଏହି ଫିଲ୍ମରେ ରଣବୀର ସିଂ, ଅଜୟ ଦେବଗନ, ଗୁଲସନ ଗ୍ରୋଭର, ଜ୍ୟାକି ଶ୍ରଫ ଏବଂ ସିକନ୍ଦର ଖେର୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ରୋହିତ ସେଟ୍ଟୀ। ଏହାର ଅନ୍ୟତମ ପ୍ରଯୋଜକ ହେଉଛନ୍ତି କରନ୍ ଜୋହର।



କ୍ୟାଟ୍ରିନା

ପ୍ରଥମ ରୋଜଗାର

# ହାତ ଖର୍ଚ୍ଚରେ ଦରମା ଟଙ୍କା ସରିଥିଲା



ନାଟ୍ୟ ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ **ପୁଲିନ ବିହାରୀ ମାନସିଂହ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡି ଗାଁର ଏକ ସମ୍ଭ୍ରାନ୍ତ ପରିବାରରେ ମୋର ଜନ୍ମ। ବାପା ରାଜକିଶୋର ମାନସିଂହ ଥିଲେ ଜଣେ ଆଶୁକବି। ଗାଁ ରାସ ଦଳରେ ସେ ଗୀତ ରଚନା କରିବା ସହ ସ୍ୱର ସଂଯୋଜନା ଓ ନିର୍ଦ୍ଦେଶନା ବି ଦେଉଥିଲେ। ତା'ସହିତ ଗାଁ ନାଟକରେ ବାପା, ଦାଦା, ବଡ଼ଭାଇ ଓ ଅନ୍ୟ ଗୁରୁଜନମାନେ ମଧ୍ୟ ଅଭିନୟ କରୁଥିଲେ। ତାଙ୍କୁ ଦେଖି ମୁଁ ବି ନାଟକ ପ୍ରେମରେ ପଡିଗଲି। ଷଷ୍ଠ ଶ୍ରେଣୀରେ ପଢିଲାବେଳେ 'ବିଷ ପୀୟୁଷ' ନାଟକରେ ଶିଶୁ କଳାକାର ଭାବେ ପ୍ରଥମେ ଅଭିନୟ କଲି। ପ୍ରଥମ ନାଟକରେ ହିଁ ମୋ ଅଭିନୟକୁ ଦର୍ଶକେ ଖୁବ୍ ପ୍ରଶଂସା କରିଥିଲେ। ବାସ୍ ସେବେଠାରୁ ଆଉ ପଛକୁ ଫେରି ଚାହିଁନି। ନାଟକରେ ଅଭିନୟ ସାଙ୍ଗକୁ କ୍ରମେ ନାଟ୍ୟ ନିର୍ଦ୍ଦେଶନା ଦେବା ବି ଆରମ୍ଭ କଲି। ତା'ସାଙ୍ଗକୁ ପାଠ ବି ଭଲ ପଢୁଥିଲି। ଜନତା ହାଇସ୍କୁଲ୍‌ରୁ ୧୯୬୬ ମସିହାରେ ମାଟ୍ରିକ୍ ପାସ୍ କରି ପୁରୀ ଏସ୍‌ସିଏସ୍ କଲେଜରେ ବି.ଏସ୍‌ସି. ଯାଏ ପଢିଲି। କଲେଜ ଫଙ୍କଶନ୍‌ରେ ହେଉଥିବା ନାଟକରେ ଅଭିନୟ କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଉଥିଲି। ଏପରି କି କଲେଜ ପଢା ପରେ ରାଉରକେଲା ସରକାରୀ ମହାବିଦ୍ୟାଳୟର କେମେଷ୍ଟ୍ରି ଡିପାର୍ଟମେଣ୍ଟରେ ଡେମୋନଷ୍ଟ୍ରେଟର୍ ଭାବେ କାର୍ଯ୍ୟରତ ଥିବାବେଳେ ବି ଅନେକ ନାଟକରେ ନିର୍ଦ୍ଦେଶନା ଦେଇଛି। ତେବେ ଏହି ଚାକିରି କ୍ଷେତ୍ରରୁ ମିଳିଥିବା ମୋର ପ୍ରଥମ ଦରମା ନିଜ ହାତଖର୍ଚ୍ଚରେ ହିଁ ସରିଯାଇଥିଲା। ଏଠାରେ ୧୦ ବର୍ଷ କାମ କରିବା ଭିତରେ ସ୍ଥାନୀୟ 'କଳିଙ୍ଗ କଳା ପରିଷଦ' ନାମକ ଏକ ନାଟ୍ୟ ଅନୁଷ୍ଠାନ ସହ ମୋର ନିବିଡ ସମ୍ପର୍କ ଗଢି ଉଠିଥିଲା। ତେଣୁ ପରବର୍ତ୍ତୀ ସମୟରେ ରାଉରକେଲା ଇସ୍ପାତ କାରଖାନାରେ ଚାକିରି କରି ବି ଏହି ଅନୁଷ୍ଠାନ କଥା ବୁଝୁଥିଲି। ଶେଷରେ ଏହିଠାରୁ ହିଁ ୨୦୦୯ ଏପ୍ରିଲ୍‌ରେ ମ୍ୟାନେଜର୍ ପର୍ସନାଲ୍ ଭାବେ ଚାକିରିରୁ ଅବସର ନେଲି। ଚାକିରିରେ ଥିଲାବେଳେ ଯେମିତି ନାଟକରେ ଅଭିନୟ ସହ ନିର୍ଦ୍ଦେଶନା ଦେଉଥିଲି ଅବସର ପରେ ବି ସେମିତି କଲି। ଯା'ଭିତରେ ଭୁବନେଶ୍ୱର, ବାଲେଶ୍ୱର, ଅନୁଗୋଳ, ଆଲ୍ଲାହାବାଦ୍, ଦିଲ୍ଲୀ, ମୁମ୍ବାଇ, ସରେଇକଳା ଇତ୍ୟାଦି ସହରରେ କଳିଙ୍ଗ କଳା ପରିଷଦ ଦ୍ୱାରା ଅନେକ ନାଟକ ମଞ୍ଚସ୍ଥ କରି ବହୁ ପ୍ରଶଂସିତ ଓ ପୁରସ୍କୃତ ହୋଇସାରିଲିଣି। ଏପରି କି ରାଉରକେଲା ଷ୍ଟିଲ୍ ଟେଲିଭିଜନ ସେଣ୍ଟରରେ ଦୀର୍ଘଦିନ ଧରି ଚାଲିଥିବା 'ନଗର ନାଗରିକ' କାର୍ଯ୍ୟକ୍ରମରେ ଅଭିନୟ କରି କାରଖାନାର କର୍ମଚାରୀମାନଙ୍କ ଭିତରେ ସୁରକ୍ଷା, ସମୟାନୁବର୍ତ୍ତିତା, ସଚେତନତା ସୃଷ୍ଟି କରି ପାରିଥିବାରୁ ମୋତେ ଅନେକ ପ୍ରଶଂସା ମିଳିଛି। ସେହିପରି କଲ୍‌ଚରାଲ୍ ଏକାଡେମୀ ଦ୍ୱାରା ପ୍ରତିବର୍ଷ ଆୟୋଜିତ ରାଜ୍ୟସ୍ତରୀୟ ଲୋକ ନାଟକ ପ୍ରତିଯୋଗିତାରେ ଭାଗନେଇ ବହୁବାର ଶ୍ରେଷ୍ଠ ନିର୍ଦ୍ଦେଶକ, ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ, ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଭାବେ ପୁରସ୍କୃତ ମଧ୍ୟ ହୋଇସାରିଛି। ଅନ୍ୟପକ୍ଷେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ବି ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କାର ପାଇବା ମୋ ପାଇଁ ଥିଲା ଏକ ଗର୍ବର ବିଷୟ। କେବଳ ସେତିକି ନୁହେଁ ଚଳିତ ବର୍ଷ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପାରାଦୀପଠାରେ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ଉତ୍ସବରେ ସମ୍ବର୍ଦ୍ଧିତ ହେବା ବି ମୋ ପାଇଁ ଏକ ସୌଭାଗ୍ୟର କଥା। ଏତଦ୍‌ବ୍ୟତିତ ଓଡିଶାର ବିଭିନ୍ନ ନାଟ୍ୟ ଅନୁଷ୍ଠାନମାନଙ୍କ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇ ମୁଁ ଖୁସିଅଛି। ତେବେ କେବଳ ନାଟକ ନୁହେଁ 'ଖୋୟା ଖ୍ୱାବ' ନାମକ ଏକ ହିନ୍ଦୀ ସିରିୟଲ୍‌ରେ ମଧ୍ୟ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଛି। ନାଟକରେ ଅଭିନୟ ଓ ନିର୍ଦ୍ଦେଶନା ବ୍ୟତୀତ ବର୍ତ୍ତମାନ ମୁଁ କଳିଙ୍ଗ କଳା ପରିଷଦର ସାଧାରଣ ସମ୍ପାଦକ ଏବଂ ରାଉରକେଲାର ୨୪ଟି ନାଟ୍ୟ ଅନୁଷ୍ଠାନକୁ ନେଇ ଗଢିଉଠିଥିବା 'ଏକତ୍ର' ଅନୁଷ୍ଠାନର ସଭାପତି ଦାୟିତ୍ୱ ବି ସମ୍ଭାଳୁଅଛି। ପ୍ରକାଶ ଥାଉକି, କଳିଙ୍ଗ କଳା ପରିଷଦ ଆଗକୁ ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ଏସବୁ କାର୍ଯ୍ୟରୁ ମୋତେ ସମାଜରେ ଏକ ନିଆରା ପରିଚିତି ମିଳିଥିବାରୁ ମୁଁ ଖୁବ୍ ଶାନ୍ତି ଅନୁଭବ କରିପାରୁଛି।

ସାଥୀ



# ସ୍ୱପ୍ନ ସୁନ୍ଦରୀର ଲାଜୁଆ ଠାଣି, ତହିଁରେ ଲୁଚିଛି ପ୍ରେମ କାହାଣୀ

**ପ୍ରଶ୍ନ**–ମୋ ମନରେ ଜଣେ ସ୍ୱପ୍ନ ସୁନ୍ଦରୀ ଘର କରି ସାରିଲାଣି। ହେଲେ ଆମର ପ୍ରେମ କାହାଣୀ କେମିତି ଆରମ୍ଭ ହେବ ଜାଣିପାରୁନାହିଁ।

*–ପ୍ରତାପ ଦାସ, ବାଙ୍କି*

**ଉତ୍ତର:** ଆପଣଙ୍କ ପ୍ରଶ୍ନର ଉତ୍ତର ଆପଣଙ୍କ ପାଖରେ ରହିଛି। ଯେତେବେଳେ ସେହି ସ୍ୱପ୍ନ ସୁନ୍ଦରୀ ଆସି ଆପଣଙ୍କ ମନରେ ବସା ବାନ୍ଧି ସାରିଲାଣି, ସେତେବେଳେ ପ୍ରେମର ଆରମ୍ଭ ହୋଇଯାଇଛି ବୋଲି ଜାଣିନିଅନ୍ତୁ। କାରଣ, 'ସ୍ୱପ୍ନ ସୁନ୍ଦରୀର ଲାଜୁଆ ଠାଣି, ତହିଁରେ ଲୁଚିଛି ପ୍ରେମ କାହାଣୀ'। ତେଣୁ ଯଦି ତା' ମନର ଭାଷାକୁ ଠିକ୍ ଭାବରେ ପଢ଼ି ପାରିଛନ୍ତି ଆଉ ସେଥିରୁ ପ୍ରେମର ବାସ୍ନା ଆସୁଛି ତେବେ ଡେରି ନ କରି ଧାଡି ଦେଖି ମାଡିଯାଆନ୍ତୁ। ଡେରି କଲେ ହୁଏତ କିଛି ଗଡ଼ବଡ ହୋଇଯାଇପାରେ।

**ପ୍ରଶ୍ନ**–ସୁନ୍ଦରୀ ଝିଅମାନେ ଧୋକା ଦିଅନ୍ତି କାହିଁକି ?

*–ତପନ କୁମାର, ପୁରୀ*

**ଉତ୍ତର:** ଧୋକା କଥା ଉଠିଲେ ସେଠାରେ ସୁନ୍ଦରୀ ଅସୁନ୍ଦରୀ ପ୍ରେମିକା କଥା ଚିନ୍ତା କଲେ ଲାଭ କ'ଣ ? ପ୍ରେମର ପାଗ ଯଦି ଅଧାରାସ୍ତାରେ ବିଗିଡି ଗଲା କିମ୍ବା ଯେଉଁ ବିଶ୍ୱାସର ମୂଳଦୁଆ ଉପରେ ପ୍ରେମ ଗଢ଼ିଉଠିଥିଲା, ତାହା ଦୁର୍ବଳ ହୋଇ ଭାଙ୍ଗି ପଡିଲା ତେବେ ସେଠାରେ ଧୋକା ଖାଇବା ହିଁ ସାର। ସୁନ୍ଦରୀ ହେଉ କି ଅସୁନ୍ଦରୀ–ଯିଏ ଧୋକା ଦେଉ ନା କାହିଁକି ସେମାନଙ୍କ ଉପରେ ଦୋଷ ଲଦିବା ଅପେକ୍ଷା ତାହାର ପ୍ରକୃତ କାରଣ ଖୋଜି ବାହାର କରନ୍ତୁ। ଥରେ ଚିନ୍ତା କରନ୍ତୁ–ଗୋଟିଏ ହାତରେ କେବେ ତାଳି ବାଜିଲାଣି !

**ପ୍ରଶ୍ନ**–ପ୍ରେମର ପ୍ରଥମ ପାହାଚରେ ଯେତେବେଳେ ପାଦ ଦେଲି ସେତେବେଳେ ମୋ ମନ କୁଆଡେ ଚାଲିଗଲା ଜାଣିପାରିଲି ନାହିଁ। ହେଲେ ବାସ୍ତବତାକୁ ଆସିଲା ବେଳକୁ ଜାଣିଲି ଯେ ମୁଁ ଏକ ମରିଚିକା ପଛରେ ଧାଉଁଥିଲି। ଏଥିପାଇଁ କିଏ ଦାୟୀ କହିବେ କି ସାଥୀ ?

*–ଦିବାକର ସାହୁ, ରାଉରକେଲା*

**ଉତ୍ତର:** ଆପଣା ହସ୍ତେ ଜିହ୍ୱା ଛେଦି କେ' ତାର ଅଛି ପ୍ରତିବାଦୀ। ଆପଣ ପ୍ରେମ ମାୟାରେ ବାୟା ହୋଇ ଭୁଲ ରାସ୍ତାରେ ଚାଲିଯାଇ ନାହାନ୍ତି ତ ? କାରଣ ପ୍ରେମର ନିଶା ଏତେ ଗାଢ଼ ଯେ ତାହା ଥରେ ମୁଣ୍ଡକୁ ଚଢ଼ିଲେ କେତେବେଳେ କ'ଣ ଘଟୁଛି ତାହା ଜାଣି ହୋଇ ନ ଥାଏ। ତେଣୁ ପ୍ରେମ କରିବା ସମୟରେ ଜୋସ୍ ମେଁ ହୋସ୍ ମତ୍ ଖୋନା। ପ୍ରେମ ରାସ୍ତାରେ ଯାତ୍ରା କରିବା ପୂର୍ବରୁ ଏତେ ଉତ୍‌ଫୁଲିତ ହୁଅନ୍ତୁ ନାହିଁ, ଯାହାଦ୍ୱାରା ଦେଖୁଦେଖୁ ଆପଣଙ୍କର ସବୁ ସ୍ୱପ୍ନ ନିମିଷକ ମଧ୍ୟରେ ଧୂଳିସାତ୍ ହୋଇଯିବ।

**ପ୍ରଶ୍ନ**–ବଡ଼ ଅମାନିଆ ମନ ମୋର, ମନଲାଖି ସାଥୀଟିଏ ଦରକାର। ଏଥିପାଇଁ କ'ଣ କରିବି ଜାଣିପାରୁନାହିଁ।

*–ସୁଜିତ, ଖୋର୍ଦ୍ଧା*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି ଆପଣ ପ୍ରେମିକାଟିଏ ପାଇବାକୁ ଚାତକ ପରି ଚାହିଁ ବସିଛନ୍ତି। ବେଳେବେଳେ ମନ ଆଶା କରିଥିବା ଜିନିଷ ହାତ ପାଆନ୍ତାରେ ମିଳିଯାଏ। କେତେବେଳେ ହାତ ପାଖରୁ ଆସି ଚାଲ୍ସ ଖସିଯାଏ। ତେଣୁ ମଉକା ଦେଖି ଚଉକା ମାରନ୍ତୁ। ଏମିତି ପ୍ରେମର ତୀର ମାରନ୍ତୁ ଯେମିତି ତାହା ସୁନ୍ଦରୀ ହୃଦୟରେ ସାଇତି ହୋଇରହିବ। ଗୋଟିଏ କଥା ମନେ ରଖିବେ–'ସ୍ଲୋ ଆଣ୍ଡ ଷ୍ଟେଡି ଉଇନ୍ସ ଦ ରେସ୍।' ଏଥର ଆପଣଙ୍କ ପ୍ରଶ୍ନର ଉତ୍ତର ପାଇଗଲେ ତ ?

# ଅଜବ ମୁଦି





ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ମୁଦିର ବି ଅନେକ ଭୂମିକା ରହିଛି। ହେଲେ ଏଠାରେ ଯେଉଁ ମୁଦିଗୁଡ଼ିକ କଥା କୁହାଯାଉଛି, ତାହା ହୁଏତ କାହାକୁ ପସନ୍ଦ ଆସିପାରେ କିମ୍ବା ନ ଆସିପାରେ ଅଥବା ଏହା ହାତର ସୌନ୍ଦର୍ଯ୍ୟ ବୃଦ୍ଧି ନ କରିପାରେ, ହେଲେ ତା'ର ଅଜବ ଗଠନ ଶୈଳୀକୁ ଦେଖିଲେ ଯେ କେହି ବି ତାକୁ ଘଡ଼ିଏ ଚାହିଁ ରହିବେ...



**ମାଉସ୍ ରିଂ:** ଚୁଇଁ ଚୁଇଁ ମୂଷା ଛୁଆ ଆକୃତିର ହୋଇଥିବା ଏହି ମୁଦିକୁ ହାତରେ ପିନ୍ଧିବାକୁ ହୁଏତ କେହି ପସନ୍ଦ ନ କରିପାରନ୍ତି, ହେଲେ ଏହା ଦେଖିବାକୁ ଭାରି କ୍ୟୁଟ୍ ଲାଗିଥାଏ। ମାର୍କେଟ୍‌ରେ ଏବେ ସୁନା ହେଉ କିମ୍ବା ରୁପା ଏପରିକି ଇମିଟେଶନ୍‌ରେ ମଧ୍ୟ ମାଉସ୍ ଡିଜାଇନ୍‌ର ରିଂ ମିଳୁଥିବା ଦେଖିବାକୁ ମିଳୁଛି।

**ରିୟଲ ଫ୍ଲାୱାର ରିଂ:** ଏହି ମୁଦିଗୁଡ଼ିକୁ ଏପରି ଡିଜାଇନ୍ କରାଯାଇଛି ଯେ, ଲାଗିବ ସତେ ଯେମିତି ଏହି ମୁଦି ଭିତରେ ସତ ସତିକା ଫୁଲ ରହିଛି। ହେଲେ ପ୍ରକୃତରେ ତାହା ସେୟା ନୁହେଁ ଯାହା ଦେଖାଯାଏ। ତଥାପି ବି ଏହା ଫ୍ଲାୱାର୍ ଡିଜାଇନ୍‌ର ହୋଇଥିବାରୁ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ।

**ସ୍କ୍ରାବଲ୍ ରିଂ:** ଏହି ମୁଦିରେ ଚାରି ଧାଡି ହୋଇ ଇଂଲିଶ ଅକ୍ଷର 'ଏ ଠାରୁ ଜେଡ୍' ଯାଏଁ ଲେଖା ହୋଇଥାଏ। ଆଉ ସେହି ଚାରି ଧାଡିର ଅକ୍ଷରକୁ ରୋଟେଟିଂ କରି ନିଜ ପସନ୍ଦର କୌଣସି ଶବ୍ଦ ଏହି ମୁଦି ଉପରେ ଲେଖିହୁଏ। ଖାସ୍‌କରି ପ୍ରେମକଟିଏ ନିଜ ପ୍ରେମିକାକୁ ଇମ୍ପ୍ରେସ୍ କରିବା ପାଇଁ ଏହି ମୁଦିରେ ଲଭ୍ କିମ୍ବା କିସ୍ ଭଳି ଶବ୍ଦ ଲେଖିବାର ଷ୍ଟାଇଲ୍ ଏବେ ଖୁବ୍ ଚାଲିଛି।

**ନଟ୍ ଆଣ୍ଡ ବୋଲ୍ଟ ୱେଡିଂ ରିଂ:** ଆଜିକାର ଯୁବପିଢ଼ିମାନେ ଏନ୍‌ଗେଜ୍‌ମେଣ୍ଟ କିମ୍ବା ବିବାହ ସମୟରେ ଥିମ୍ ବାଲା ୱେଡିଂ ରିଂ ପିନ୍ଧିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ସେମିତି ଏକ ଥିମ୍ ହେଉଛି ନଟ୍ ଆଣ୍ଡ ବୋଲ୍ଟ ୱେଡିଂ ରିଂ। ନଟ୍ ସହ ବୋଲ୍ଟକୁ ଫିଟିଂ କଲେ ତାହା ଯେମିତି ଷ୍ଟ୍ରଙ୍ଗ୍ ହୋଇ ରହିଥାଏ, ଠିକ୍ ସେମିତି ଏହି ଥିମ୍ ବାଲା ୱେଡିଂ ରିଂ ପିନ୍ଧିଲେ ସମ୍ପର୍କ ଦୃଢ ହୋଇଥାଏ ବୋଲି ଅନେକଙ୍କ ଧାରଣା ରହିଛି।

**ୱିଣ୍ଟର ଇନ୍ ପାରିସ୍ ରିଂ:** ଶୀତଦିନେ ପାରିସ୍ ବୁଲିଗଲେ ଯେମିତି ତୁଷାରପାତର ନଜିର ଦେଖିବାକୁ ମିଳେ, ଠିକ୍ ସେହି ଥିମ୍‌ରେ ଏହି ମୁଦିଟିକୁ ତିଆରି କରାଯାଇଥାଏ। ଏହି ମୁଦିକୁ ଦେଖିଲେ ହିଁ ଯେ କେହି ବୁଝିଯିବେ ଶୀତଦିନେ ପାରିସ୍‌ର ପାଣିପାଗ କେମିତି ରହିଥିବ।


**ଡାଇମଣ୍ଡ ରିଂ ଇନ୍ ଏ ବକ୍ସ:** ଯଦି କୌଣସି ପ୍ରେମିକ ତାଙ୍କ ପ୍ରେମିକାଙ୍କୁ ସରପ୍ରାଇଜ୍ ଗିଫ୍ଟ ଦେବାକୁ ଚାହୁଁଥାନ୍ତି, ତା'ହେଲେ ତାଙ୍କ ପାଇଁ ଏହି ମୁଦିଟି ଗୋଟେ ଭଲ ଅପ୍ସନ ହୋଇପାରିବ। କାରଣ ଏହି ମୁଦିକୁ ଏମିତି ଡିଜାଇନ୍ କରାଯାଇଛି ଯେ, ଯାହା ଦେଖିବାକୁ ଗୋଟିଏ ସାଧାରଣ ମୁଦି ପରି ଲାଗିଥାଏ। ହେଲେ ସେହି ମୁଦିରେ ଲାଗିଥିବା ଛୋଟ ବକ୍ସ ଆକୃତିର ଖୋଳକୁ ଖୋଲିଲେ ତାହା ଭିତରେ ଏକ ସୁନ୍ଦର ଡାଇମଣ୍ଡ ଉକ୍ତ ମୁଦି ସହ ଜଏଣ୍ଟ ହୋଇ ରହିଥିବା ଦେଖିବାକୁ ମିଳିଥାଏ।

**ଟି-ପାର୍ଟି ରିଂ:** ଚା'କୁ କପ୍‌ରେ ଢାଳିକି ପିଇବାର ଷ୍ଟାଇଲ୍‌କୁ ନେଇ ଏହି ମୁଦିଟି ତିଆରି ହୋଇଛି। ଚା' ପିଇବାକୁ ପସନ୍ଦ କରୁଥିବା ମହିଳାଙ୍କୁ ଦେବା ପାଇଁ ଏହା ଏକ ସୁନ୍ଦର ଗିଫ୍ଟର କାମ କରିଥାଏ।

**ସୁଇଟ୍ସ ଫର୍ ମାଇଁ ସୁଇଟ୍:** ଏହି ରିଂ ବା ମୁଦି ଟିକେ ଭିନ୍ନ ଧରଣର ହୋଇଥାଏ। ଖାସ୍ କରି ବିଭିନ୍ନ ପ୍ରକାରର ଚକୋଲେଟ୍ କିମ୍ବା ସୁଇଟ୍ସର ଥିମ୍‌ରେ ତିଆରି ହୋଇଥାଏ ଏହି ରିଂ। ଯାହା ମିଠା ପ୍ରିୟ ଗର୍ଲଫ୍ରେଣ୍ଡ କିମ୍ବା ପତ୍ନୀକୁ ଦେବା ପାଇଁ ଏକ ଇନୋଭେଟିଭ୍ ଗିଫ୍ଟର କାମ କରିଥାଏ।

**ଚଢେଇ ବସା ରିଂ:** ଚଢେଇବସାରେ ଚଢେଇର ଅଣ୍ଡା ଥୁଆ ହୋଇଥିଲେ ଯେମିତି ଦେଖାଯାଏ ଠିକ୍ ସେହି ଥିମ୍‌ରେ ଏହି ମୁଦିକୁ ତିଆରି କରାଯାଇଥାଏ।

**ବଟଲ୍‌ର କ୍ୟାପ୍ ଖୋଲୁଥିବା ରିଂ:** ଏହି ମୁଦି ଟୁ-ଇନ୍-ୱାନ୍‌ର କାମ କରିଥାଏ। ଏହାକୁ ଆଙ୍ଗୁଠିରେ ପିନ୍ଧି ହାତକୁ ନିଆରା ଲୁକ୍ ଦେବା ସହିତ ବଟଲ୍‌ର କ୍ୟାପ୍ ଖୋଲିବାରେ ବି ବ୍ୟବହାର କରିହୁଏ।











# ମଡେଲ ମିରର୍



ସୌମ୍ୟରଞ୍ଜନ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଡିଶ୍

ଦୂରରେ ଏକୁଟିଆ ରହୁଥିବା ଭାଇକୁ ଫୋନ୍‌ରେ ଭଉଣୀ ଏକ ଡିଶ୍‌ର ରେସିପି ଶିଖାଉଥାଏ।
ଭଉଣୀ– ପ୍ରଥମେ ଏକ ସଫା ପାତ୍ର ନେ।
ଭାଇ– ନେଲି।
ଭଉଣୀ–ସେଥିରେ ଭଲଭାବେ ଧୂଆଯାଇଥିବା ଅଙ୍ଗୁର ରଖ। ଭାଇ– ରଖିଲି।
ଭଉଣୀ–ଏବେ ସେଥିରୁ ଗୋଟେ ଅଙ୍ଗୁର ଆଣି ପାଟିରେ ଧର। ଭାଇ–ଧରିଲି।
ଭଉଣୀ– ଡିଶ୍ ରେଡି। ଆଉ ତା'ର ନାଁ ହେଉଛି–ଲଙ୍ଗୁର କି ମୁହଁ ମେ ଅଙ୍ଗୁର....

### ରେଡିଓ


ସ୍ତ୍ରୀ ସ୍ୱାମୀଙ୍କୁ– ଜାଣିଛ! ଆମ ଗାଁରେ ପ୍ରଥମ ରେଡିଓ ମୋ ବାପା ଆଣିଥିଲେ।
ସ୍ୱାମୀ– ଛି ଛି...ନିଜ ମା' ବିଷୟରେ ସେମିତି କୁହନ୍ତିନି।
ସ୍ତ୍ରୀ– କ'ଣ କହିଲ, ମୋ ମା' ରେଡିଓ!

### ସୁଗାର ଲେବଲ୍

ରାଜେଶ ସାଙ୍ଗ ମଣ୍ଟୁକୁ– ଜାଣିଛୁ ଆମ ପଡ଼ିଶା ଘର ମହିଳା ଏତେ ମିଠା ମିଠା କଥା କହୁଛନ୍ତି ଯେ, ମୋ ସୁଗାର ଲେବଲ୍ ବଢ଼ିଯାଉଛି।
ମଣ୍ଟୁ– ସତେ ନା କ'ଣ! ତାହେଲେ ତାକୁ କେମିତି କଣ୍ଟ୍ରୋଲ୍ କରୁଛୁ?
ରାଜେଶ– ସେଥିପାଇଁ ମୁଁ ମୋ ସ୍ତ୍ରୀକୁ ଧନ୍ୟବାଦ ଦେବି। ତା'ର କଡ଼ା କଡ଼ା କଥାରେ ମୋ ସୁଗାର ପୁରା କଣ୍ଟ୍ରୋଲ ହେଇଯାଉଛି।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ (ଧରିତ୍ରୀ)







# କୌଣ୍ଡିନ୍ୟ ବନ୍ୟପ୍ରାଣୀ ଅଭୟାରଣ୍ୟ

**ଆନ୍ଧ୍ରପ୍ରଦେଶସ୍ଥିତ କୌଣ୍ଡିନ୍ୟ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବହୁ ବିରଳ ପଶୁପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ। ଖାସ୍ କରି ଏଠାରେ ହାତୀମାନଙ୍କୁ ସୁରକ୍ଷା ଦେବା ପାଇଁ ବିଶେଷ ଧ୍ୟାନ ଦିଆଯାଇଥାଏ। ତେଣୁ ଏହାକୁ ଏକ ହାତୀ ସଂରକ୍ଷଣ କେନ୍ଦ୍ର କହିଲେ ମଧ୍ୟ ଭୁଲ୍ ହେବନାହିଁ।**



ଆନ୍ଧ୍ରପ୍ରଦେଶସ୍ଥିତ କୌଣ୍ଡିନ୍ୟ ବନ୍ୟପ୍ରାଣୀ ଅଭୟାରଣ୍ୟ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ବେଶ୍ ପରିଚିତ। ପ୍ରାୟ ୩୫୭ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢିଉଠିଥିବା ଏହି ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ରରେ ପର୍ଯ୍ୟଟକ ବହୁ ବିରଳ ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି। ଖାସ୍ କରି ଏଠାରେ ହାତୀଙ୍କ ସୁରକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯାଉଥିବାରୁ ସେମାନଙ୍କ ସଂଖ୍ୟା ଏଠି ଟିକେ ଅଧିକ ରହିଥାଏ। ସେହି ଦୃଷ୍ଟିରୁ ଏହାକୁ କେହି କେହି ହାତୀ ସଂରକ୍ଷଣ କେନ୍ଦ୍ର ବୋଲି ମଧ୍ୟ କହିଥାନ୍ତି।

### ଇତିହାସ

ଇତିହାସରୁ ଯାହା ଜଣାଯାଏ, ପୂର୍ବେ ଏହି ସ୍ଥାନରେ ଗୋଟିଏ ହେଲେ ବି ହାତୀ ନ ଥିଲେ। କିନ୍ତୁ ଘଞ୍ଚ ଜଙ୍ଗଲ, ନଦୀ ଓ ଝରଣା ପରିବେଷ୍ଟିତ ଏଠାକାର ପ୍ରାକୃତିକ ପରିବେଶ ପ୍ରତି ଆକୃଷ୍ଟ ହୋଇ ଧୀରେ ଧୀରେ ଅନ୍ୟ ଅଞ୍ଚଳରୁ ହାତୀମାନେ ଆସି ଏଠାରେ ସେମାନଙ୍କର ବଂଶ ବିସ୍ତାର କରିବାକୁ ଲାଗିଲେ। ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ସରକାର ଅବଗତ ହେବା ପରେ ସେମାନଙ୍କର ସୁରକ୍ଷା ପାଇଁ ଉଦ୍ୟମ କରିବା ସହ ଶେଷରେ ୧୯୯୦ ମସିହାରେ ଏଠାରେ ଏକ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ଗଢ଼ିବାରେ ସଫଳ ହୋଇଥିଲେ। ସେବେଠାରୁ ଏଠାରେ ହାତୀଙ୍କ ସମେତ ଅନ୍ୟ ପଶୁପକ୍ଷୀଙ୍କୁ ବି ସୁରକ୍ଷା ଦିଆଯାଇ ଆସୁଅଛି।

### କେବେ ଯିବେ

ବର୍ଷର ଯେ କୌଣସି ସମୟରେ ଏହି ଅଭୟାରଣ୍ୟକୁ ଯିବାପାଇଁ ସୁବିଧା ରହିଛି। ତେବେ ପାଣିପାଗ ଦୃଷ୍ଟିକୋଣରୁ ଦେଖିଲେ ଖରାଦିନେ ଏଠାରେ ଟିକେ ଅଧିକ ଗରମ ଅନୁଭୂତ ହୋଇଥାଏ। ସେହିପରି ବର୍ଷାରେ ବୁଲିବାକୁ ବି ଅନେକେ ପସନ୍ଦ କରି ନଥାନ୍ତି। ତେଣୁ ଏସବୁକୁ ଧ୍ୟାନରେ ରଖି ଅକ୍ଟୋବରରୁ ମାର୍ଚ୍ଚ ହେଉଛି ଏଠାକୁ ଯିବାପାଇଁ ସବୁଠୁ ଉପଯୁକ୍ତ ସମୟ।

### କେମିତି ଯିବେ


ଏହି ଅଭୟାରଣ୍ୟକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି। ଏହାର ନିକଟତମ ମୁଖ୍ୟ ବିମାନବନ୍ଦର ହେଉଛି ବାଙ୍ଗାଲୋର, ଯାହା ପ୍ରାୟ ୧୬୦ କି.ମି. ଦୂରରେ ଅବସ୍ଥିତ। ସେହିପରି ମୁଖ୍ୟ ରେଳଷ୍ଟେଶନ ହେଉଛି ଭେଲୋର କାଟପାଡି ଜଙ୍କଶନ୍, ଯାହା ପ୍ରାୟ ୬୫ କି.ମି. ଦୂରରେ ରହିଛି। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଯିବାପାଇଁ ଟୁରିଷ୍ଟ ବସ୍‌ର ଭଲ ବ୍ୟବସ୍ଥା ଉପଲବ୍ଧ ଅଛି।


### କ'ଣ ଦେଖିବେ

ପର୍ଯ୍ୟଟକ ଉକ୍ତ ଅଭୟାରଣ୍ୟରେ ଅନେକ ହାତୀଙ୍କୁ ଦେଖିବା ସହ ବହୁ ବିରଳ ପଶୁପକ୍ଷୀ ବି ଦେଖିବାର ସୁଯୋଗ ପାଇଥାନ୍ତି। ଯେମିତିକି ଚିତ୍ରାହରିଣ, ଭାଲୁ, ଚିତାବାଘ, ଚୌଶିଙ୍ଗା, ଶମ୍ବର, ଜଙ୍ଗଲୀ ଘୁଷୁରି, ଜଙ୍ଗଲୀ ବିଲେଇ, ଗଧିଆ, ଝିଙ୍କ, ଜଙ୍ଗଲୀ ମାଙ୍କଡ଼, ଜଙ୍ଗଲୀ କୁକୁଡା ଇତ୍ୟାଦି। ସେହିପରି ଏଠାରେ ଦେଖିବାକୁ ମିଳୁଥିବା ଚିତ୍ରା କଇଁଛ ହେଉଛି ଏଠାକାର ଅନ୍ୟତମ ପ୍ରମୁଖ ଆକର୍ଷଣ। ଏହି ଅଭୟାରଣ୍ୟ ମଧ୍ୟରେ ଝରଣା ତଥା ଜଳାଶୟ ଥିବାରୁ, ବହୁ ବିଦେଶୀ ପକ୍ଷୀ ବି ଏଠାକୁ ଆକୃଷ୍ଟ ହୋଇ ଉଡି ଆସିଥାନ୍ତି। ସେଥିପାଇଁ ଏଠାରେ ବହୁ ବିଦେଶୀ ପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇଥାନ୍ତି ପର୍ଯ୍ୟଟକ।

### ଅନ୍ୟାନ୍ୟ ଆକର୍ଷଣ

ଏହି ଅଭୟାରଣ୍ୟ ନିକଟରେ କଲ୍ୟାଣ ରେଭୁ ଏବଂ କାଇଗାଲ୍ ନାମକ ଦୁଇଟି ପ୍ରମୁଖ ଝରଣା ଦେଖିବାକୁ ମିଳିଥାଏ। ଜଙ୍ଗଲ ପରିବେଷ୍ଟିତ ଏହି ଝରଣା ନିକଟରେ ପିକ୍‌ନିକ୍ କରିବା ପାଇଁ ପର୍ଯ୍ୟଟକ ଖୁବ୍ ଭଲ ପାଇଥାନ୍ତି। ତେଣୁ କୌଣ୍ଡିନ୍ୟ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବୁଲି ପଶୁପକ୍ଷୀଙ୍କୁ ଦେଖିବା ସହ ଉକ୍ତ ଝରଣା ନିକଟରେ ଆସି ପିକ୍‌ନିକ୍ କଲେ ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ମିଳିଥାଏ।









# ସ୍ପାଇଡରମ୍ୟାନଙ୍କ ସଫେଇ ଅଭିଯାନ



ଇଣ୍ଡୋନେସିଆର ଦକ୍ଷିଣ ସୁଲାୱେଶି ସ୍ଥିତ ପେରପେର୍‌ର ନିବାସୀ ଅଟନ୍ତି ରୁଡି ହାର୍ଟୋନା। ସେ ଏକ କାଫେରେ କାମ କରନ୍ତି। ସେ ସବୁବେଳେ ନିଜ ଘରଠାରୁ ଆରମ୍ଭ କରି ନିଜ ଅଞ୍ଚଳକୁ ସଫା ରଖିବାକୁ ଚେଷ୍ଟା କରିଆସିଛନ୍ତି। ଏହି କାମରେ ଅନ୍ୟ ଲୋକଙ୍କୁ ବି ସାହାଯ୍ୟ ପାଇଁ କହନ୍ତି। ହେଲେ କେହି ଆଗ୍ରହ ପ୍ରକାଶ କରନ୍ତି ନାହିଁ। ଶେଷରେ ସେ ଏକ ଅଭିନବ ଉପାୟ ଆପଣେଇଲେ। ରୁଡି ଏକ ସ୍ପାଇଡରମ୍ୟାନ୍ କଷ୍ଟ୍ୟୁମ୍ ପିନ୍ଧି ସଫେଇ ଆରମ୍ଭ କଲେ। ନାଳ, ନର୍ଦ୍ଦମା, ନଦୀ ସବୁଠୁ ପ୍ଲାଷ୍ଟିକ ଆବର୍ଜନା ସଫା କଲେ। ଏଭଳି ସ୍ପାଇଡରମ୍ୟାନ୍ ପୋଷାକରେ ସଫେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା। ଆଉ ସେ ସ୍ଥାନୀୟ ଅଞ୍ଚଳରେ ହିରୋ ପାଲଟିଗଲେ। ଲୋକ ବି ସାହାଯ୍ୟର ହାତ ବଢେଇଲେ। ଲୋକେ ରୁଡିଙ୍କ ଭିଡିଓ କରି ସୋସିଆଲ ମିଡିଆରେ ଅପ୍‌ଲୋଡ କଲେ। ଟେଲିଭିଜନ୍‌ରେ ବି ତାଙ୍କୁ ଡକାଗଲା ସାକ୍ଷାତ୍‌କାର ପାଇଁ। ଏବେ ତାଙ୍କୁ ଇଣ୍ଡୋନେସିଆରେ ଆଦର୍ଶ ଭାବେ ଗଣାଯାଉଛି।

## କାର୍ଟୁନ କର୍ନର



# ନିୟତିରୁ ଆରମ୍ଭ ଯାତ୍ରା



ମାମା

ତାଙ୍କର ମୂଳନାମ ପ୍ରଭାସିନୀ ପାଣିଗ୍ରାହୀ। ହେଲେ ଯାତ୍ରା ଇଣ୍ଡଷ୍ଟ୍ରିରେ ସେ କେବେଳ ମାମା ନାମରେ ହିଁ ପରିଚିତ। ଘର ଭଦ୍ରକ ଜିଲାର ବାସୁଦେବପୁର ଅନ୍ତର୍ଗତ ବ୍ରାହ୍ମଣଗାଁ। ବାପାମା'ଙ୍କ ବଡ଼ଝିଅ। ପୁଣି ବ୍ରାହ୍ମଣଘରର ଝିଅ। ଘରର ଆର୍ଥିକ ପରିସ୍ଥିତି ସେତେଟା ଭଲ ନ ଥାଏ। ସବୁବେଳେ ନାହିଁ ନାହିଁ ଲାଗି ରହିଥାଏ। ଏକଥା ଦେଖୁଥାନ୍ତି ମାମା। ସେତେବେଳେ ତାଙ୍କୁ ଆଠନ' ବର୍ଷ ବୟସ ହେବ। ତାଙ୍କୁ କିଛି ଭଲ ଲାଗୁନଥାଏ। ସେ ଝିଅଟେ ହେଲେ କ'ଣ ହେଲା ? ସେ କ'ଣ କିଛି କାମ କରି ବାପାମା'ଙ୍କ କମରକୁ ବଳ ହୋଇ ପାରିବେ ନାହିଁ। ଏମିତି ଗୋଟେ ଚିନ୍ତାରେ ଥାଆନ୍ତି ମାମା। ସେହିବର୍ଷ ତାଙ୍କ ଗାଁକୁ ନିୟତି ଗଣନାଟ୍ୟ ଆସିଥାଏ। ସ୍କୁଲ୍‌ରେ ଗଣନାଟ୍ୟର ଝିଅପିଲାମାନେ ରହୁଥାନ୍ତି। ତାଙ୍କ ବୟସର ବି ଅନେକ ଝିଅ ଥାଆନ୍ତି। ସେମାନଙ୍କ ସହିତ ମାମାଙ୍କର ଭଲ ସମ୍ପର୍କ ଗଢ଼ି ଉଠିଥାଏ। ସେ ସେଇମାନଙ୍କ ସହିତ ଯାତ୍ରାପାର୍ଟିରେ ପଳେଇଗଲେ। ଘରେ ସେକଥା କେହି ଜାଣି ନଥାନ୍ତି। ଘରେ ଖୋଜାପଡ଼ିଲା। କେହିକିଛି ଖୋଜଖବର ପାଇଲେ ନାହିଁ। ଏମିତିରେ ବର୍ଷଟିଏ ବିତିଗଲା। ଇତିମଧ୍ୟରେ ମାମା ନିୟତି ଗଣନାଟ୍ୟରେ ରହିଗଲେ। ଶିଶୁ କଳାକାର ଭାବରେ ଛୋଟମୋଟ ଅଭିନୟ କଲେ। ବର୍ଷେ ପରେ ସେ ଘରକୁ ଫୋନ୍ କରି ଜଣେଇଲେ ଯେ, ସେ ଯାତ୍ରାରେ ପଳେଇ ଆସିଛନ୍ତି। ଏକଥା ଶୁଣି ମା' କାନ୍ଦିଲା। ବାପା ମନ ଦୁଃଖ କଲେ। କାରଣ ସେମାନେ ଚାହୁଁ ନ ଥିଲେ ତାଙ୍କ ଝିଅ ଯାତ୍ରାରେ ଯାଉ। ପୁଣି ଲୁଚି ପଳେଇ ଯାଇଥିବାରୁ ସେମାନେ ଖୋଜିଖୋଜି ନୟାନ୍ତ ହୋଇ ସାରିଥିଲେ। ବାପାମା'ଙ୍କୁ ବୁଝେଇଲେ ମାମା। କହିଲେ, ମୁଁ ଆସିସାରିଛି ଯେତେବେଳେ ଆଉ ଫେରିବିନି। ବରଂ ଆପଣମାନେ ଆଶୀର୍ବାଦ କରନ୍ତୁ ମୁଁ ଯାତ୍ରା ଲାଇନ୍‌ରେ ନାଁ କରେ। ବାପାମା'ଙ୍କର ଆଉ କିଛି କରିବାର ନ ଥିଲା। ସେମାନଙ୍କର ଆଶୀର୍ବାଦ କିନ୍ତୁ ରହିଥିଲା ମାମାଙ୍କ ସାଙ୍ଗରେ। ସେଥିଲାଗି ମାମା ଯାତ୍ରାଜଗତରେ ଆଜି ଜଣେ ପ୍ରତିଷ୍ଠିତ ଆର୍ଟିଷ୍ଟ। ଇତିମଧ୍ୟରେ ୧୯ବର୍ଷରୁ ଅଧିକ ହୋଇଗଲା ସେ ଯାତ୍ରାପାର୍ଟିରେ ରହିଛନ୍ତି। ନିୟତିରୁ ତାଙ୍କର ଯାତ୍ରା ଜୀବନ ଆରମ୍ଭ ହୋଇଥିଲା। ସେ ସେଠାରେ ଶିଶୁ କଳାକାର ଭାବେ ଅଭିନୟ କରୁଥିଲେ। ଶରଧାବାଲି ଅପେରାରେ ନୃତ୍ୟ କଲେ। ସତ୍ୟମ୍ ଗଣନାଟ୍ୟରେ ଆରମ୍ଭ ହେଲା ତାଙ୍କର ଅଭିନୟ ଜୀବନ। ଏହି ଦୀର୍ଘ ସମୟ ମଧ୍ୟରେ ସେ ମୁକ୍ତେଶ୍ୱର ଅପେରା, କ୍ଲାସିକ୍ ଗଣନାଟ୍ୟ, ଦୁର୍ଗାଶ୍ରୀ ଗଣନାଟ୍ୟ, ଶରଧାବାଲି, ଶିବାନୀ ଗଣନାଟ୍ୟ, ଓମ୍‌ଶ୍ରୀ ଗଣନାଟ୍ୟ, ତ୍ରିନାଥ ଗଣନାଟ୍ୟ, ଯାତ୍ରାଶ୍ରୀ ବିଶ୍ୱଦରବାର ଆଦି ଅନୁଷ୍ଠାନରେ କାମକରି ଏବେ ଆସି ପହଞ୍ଚିଛନ୍ତି ଇନ୍ଦ୍ରଭୁବନରେ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ଅହ୍ୟ ସୁଲକ୍ଷଣୀ, ମୁଁ ତୋର କ'ଣ ହେବି, ମଣିଷ ଖିଆ ମଣିଷ, ସୁନା କଣ୍ଢେଇ, ପବିତ୍ର ପାପ, ଗଲାକଥା ପାସୋରି ଦିଅ, ଅଧା ରହିଗଲା ମଥା ଓଢ଼ଣି, ବାଦାମବାଡ଼ିର ବଦମାସ ଝିଅ, ହେ ଈଶ୍ୱର କୋଟି ନମସ୍କାର, ଷ୍ଟାଫ୍ ନର୍ସ, ଗୁପ୍ତ ସମ୍ପର୍କ ଏବଂ ଆହୁରି ଅନେକ। ଚଳିତବର୍ଷ 'ଇନ୍ଦ୍ରଭୁବନ'ରେ ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ମାଣିକକୁ କିଏ ମାଇଲା ମାଡ଼, କହିବାକୁ ଲାଜ ଲାଗୁଛି, ବାଜୁଥାଉ ଯେତେ ନିନ୍ଦା ନାଗରା ଏବଂ ଓଠର ହସ ମୋ ଲୁହରେ ଶେଷ। ମାମା ମୁଖ୍ୟତଃ ନେଗେଟିଭ୍ ରୋଲରେ ମଞ୍ଚକୁ ଆସୁଥିଲେ ମଧ୍ୟ ପଜିଟିଭ ଭୂମିକା ତାଙ୍କର ବେଶି ପସନ୍ଦ ବୋଲି କହନ୍ତି ଏହି ଅଭିନେତ୍ରୀ।

# ଦୀପ୍ତିଦିବ୍ୟ ଓରଫ୍ ମାନା

''ଜିନା ତେରି ଗଲି ମେଁ। ମରନା ତେରି ଗଲି ମେଁ। କଅଁଳ ଘାସ ଦେଖିଲେ ଛେଳି ଛୁଆଟା ଖାଲି ମେଁ ମେଁ। ଆଚ୍ଛା ତୋ ବୟଫ୍ରେଣ୍ଡ !'' ଏମିତି ଏକ ମାନିଆ ଡାଏଲଗ୍ ରହିଛି ଚଳିତବର୍ଷର ଏକ ବହୁ ଚର୍ଚ୍ଚିତ ନାଟକ ସି.ଆଇ.ଡି. ଦୟାରେ। ଆଉ ଏଭଳି ଡାଏଲଗ୍ କହି ଦର୍ଶକଙ୍କୁ ସ୍ତମ୍ଭୀଭୂତ କରିଦଉଥିବା କଳାକାର ଜଣକ ହେଉଛନ୍ତି ଦୀପ୍ତିଦିବ୍ୟ। ଦୀପ୍ତିଦିବ୍ୟ ତାଙ୍କର ପିତୃମାତୃଦତ୍ତ ନାମ। ହେଲେ ଯାତ୍ରାରେ ସେ ମାନା ଭାବରେ ପରିଚିତ। ମାନା ଜଣେ ଅଲରାଉଣ୍ଡର ଆର୍ଟିଷ୍ଟ। ସେ ହିରୋ କରିପାରନ୍ତି। ଆଣ୍ଟିହିରୋ ସାଜିପାରନ୍ତି। ଖଳନାୟକ ଭୂମିକାରେ ଅଭିନୟ କରିପାରନ୍ତି। ପୁଣି ଚରିତ୍ର ଭୂମିକା ବି ତୁଲେଇ ପାରନ୍ତି। ଘର ଜଗତ୍‌ସିଂହପୁର ଜିଲାର ରାଢ଼ଙ୍ଗ। ତାଙ୍କର ଆଉ ଏକ ପରିଚୟ ସେ ହେଉଛନ୍ତି ଯାତ୍ରା ଜଗତର ଅଭିଜ୍ଞ ଚରିତ୍ର ଅଭିନେତା ଅଶୋକ ରାଉତଙ୍କ ପୁତୁରା। ପିଲାବେଳେ ତ ଯାତ୍ରା ପ୍ରତି ରୁଚିଥିଲା। ଥରେ ସେ ଡ୍ରାମାରେ ପ୍ରକ୍ସି ଭୂମିକା କରୁଥିଲେ। ସେଇଠି ତାଙ୍କୁ ଦେଖିଥିଲେ ଅଶ୍ରୁମୋଚନ। ସେ ତାଙ୍କୁ ନେଇ ଆସିଲେ ରବୀନ୍ଦ୍ରମଣ୍ଡପ। ଆଉ ରବୀନ୍ଦ୍ରମଣ୍ଡପରୁ ପେସାଦାର ଯାତ୍ରା। ୧୯୯୮ ମସିହାରେ ସେ ପ୍ରଥମେ ଆସିଲେ ତୁଳସୀ ଗଣନାଟ୍ୟକୁ। ତାଙ୍କୁ ମିଳିଲା ପାର୍ଶ୍ୱନାୟକର ଭୂମିକା। ତୁଳସୀରୁ ଆସିଲେ ସାହାଣୀ ଅପେରା। ଏହି ସାହାଣୀ ଅପେରାରେ ହିଁ ତାଙ୍କ ପ୍ରତିଭା ଲୋକଲୋଚନକୁ ଆସିଲା ବୋଲି କହନ୍ତି ଦୀପ୍ତିଦିବ୍ୟ ଓରଫ୍ ମାନା। ସାହାଣୀ ଅପେରାର ପୃଷ୍ଠପୋଷକ ଫକୀର ମୋହନ ସାହାଣୀ ତାଙ୍କ ଭିତରେ ଥିବା ପ୍ରତିଭାକୁ ଚିହ୍ନିଲେ। ତାଙ୍କୁ ଆକ୍ଟିଂ ସହିତ ଆଙ୍କରିଂର ସୁଯୋଗ ଦେଲେ। ପୁଣି ମେଲୋଡ଼ିରେ ଗୀତ ଗାଇବାକୁ ମଧ୍ୟ ପ୍ରୋତ୍ସାହିତ କଲେ। ସେଇଠି ତାଙ୍କୁ ମିଳିଲା ନାୟକ ପୁଣି ଆଣ୍ଟିହିରୋର ଭୂମିକା। ଏହା ପରେପରେ ସେ ସାତଶଙ୍ଖ, ପାର୍ବତୀ, ବିଶ୍ୱ ରଙ୍ଗମହଲ, କଳିଙ୍ଗ ଆଦିରେ ଅଭିନୟ କରି ସମ୍ପ୍ରତି ଯାତ୍ରା ସ୍ୱପ୍ନମହଲରେ ନିଜର ଅଭିନୟ ଜାରି ରଖିଛନ୍ତି। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ସାହାଣୀ ମାଷ୍ଟ୍ରଙ୍କ ଭଙ୍ଗାସିଲଟ, ଦ୍ୱିତୀୟ ପୁରୁଷ, ପାଣି କୋଇଲିର ରାଣୀ ମାଉସୀ, କୁନି ନୂଆବଉ ଟିକି ଦିଅର, ସଉତୁଣୀ, ମଙ୍ଗୁଳି ଛକର ଲଙ୍ଗଳା ଲୋକ, କହିଦେଲେ ତୁ ମରିଯିବି ମୁଁ, ସୁନା ପଞ୍ଜୁରି ମାଟିର ଶାରୀ, ଆପଣମାନେ ଖୁସି ତ, ସି.ଆଇ.ଡି. ଦୟା ଏବଂ ଆହୁରି ଅନେକ। ସେ ଆଜି ଯଦି ଯାତ୍ରାକୁ ଆସି ତିଷ୍ଠିପାରିଛନ୍ତି ତା'ପଛରେ ରହିଛି ତାଙ୍କ ପରିବାରର ଅକୁଣ୍ଠ ସମର୍ଥନ। ବାପା ପ୍ରଫୁଲ୍ଲ କୁମାର ରାଉତ ଏବଂ ମା' ଚପଳା ମହାନ୍ତିଙ୍କ ଆଶୀର୍ବାଦ ତଥା ପୋଲିସ ଚାକିରିରେ କାର୍ଯ୍ୟରତ ତାଙ୍କର ସାନ ଭାଇ ମୁକ୍ତିଦିବ୍ୟ (କୁନା)ର ଭଲ ପାଇବା ତାଙ୍କୁ ଏ ଦିଗରେ ଆଗକୁ ବାଟ କଢ଼େଇ ନଉଛି ବୋଲି କହନ୍ତି ଏହି ଅଭିନେତା।



# ଜୀବାଶ୍ମର ହେବ ରିସାଇକ୍ଲିଂ



ପ୍ରାଣୀଟିଏ ମରିଯାଏ। ତାକୁ ପୋଡ଼ିଦେଲେ ବା ପୋତିଦେଲେ ତାହା ନଷ୍ଟ ହୋଇଯାଏ। ଗଛଟିଏ ମରିଯାଏ। ତାହା ମାଟିରେ ମିଶିଯାଏ। ହେଲେ ବାସ୍ତବରେ ଏହି ପ୍ରାଣୀ ବା ଉଦ୍ଭିଦ କ'ଣ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ହୋଇ ଯାଆନ୍ତି। ନା, ସେମିତି ଘଟେନା। ଗୋଟିଏ ପ୍ରାଣୀ ବା ଉଦ୍ଭିଦ ମରିଗଲା ପରେ ଆରମ୍ଭହୁଏ ଡିକମ୍ପୋଜିଶନ୍ ପ୍ରକ୍ରିୟା। ଆମେ ଦେଖୁ ତାହା ସମ୍ପୂର୍ଣ୍ଣ ମାଟିରେ ମିଶି ମାଟି ହୋଇଗଲା। ବାସ୍ତବରେ ଡିକମ୍ପୋଜିଶନ୍ ପ୍ରକ୍ରିୟାଟି ତାକୁ ଭିନ୍ନ ଏକ ରୂପକୁ ରୂପାନ୍ତରିତ କରିଦିଏ। ଜୀବାଶ୍ମ ସଜେଇ ଅୟୁତ କାଳ ଯାଏ ତାକୁ ପୃଥିବୀରେ ସାଇତିରଖେ। ଏବେ କ୍ୟାମ୍ବ୍ରିଜ୍ ସ୍ଥିତ ହାର୍ଭାଡ ୟୁନିଭର୍ସିଟିର ଗବେଷକମାନେ ଏକ ଚମକେଇ ଦବା ଭଳି କଥା ଘୋଷଣା କରିଛନ୍ତି। ସେମାନେ କହିଛନ୍ତି ଯେ, ମୃତ ଜୀବ ବା ଉଦ୍ଭିଦର ରିସାଇକ୍ଲିଂ କରାଯାଇ ପାରିବ। ଶହଶହ ବା ହଜାର ହଜାର ବର୍ଷ ତଳର ଜୀବାଶ୍ମରେ ସାଇତା ହୋଇ ରହିଥିବା ଡି.ଏନ୍.ଏ.କୁ ରିସାଇକ୍ଲିଂ କରି ସେଥିରୁ ନୂଆ ଏକ ଉଦ୍ଭାବନ କରାଯାଇ ପାରିବ। ତେବେ ସେହି ଉଦ୍ଭାବନ କ'ଣ ହେବ ସେକଥା କହିବା ସମ୍ଭବ ନୁହେଁ। ଏହି ବିଷୟକୁ ନେଇ ହାର୍ଭାଡର ଗବେଷକମାନେ କାମ କରିବା ଆରମ୍ଭ କରିଦେଇଛନ୍ତି। ପୌରାଣିକ ମତବାଦ ଅନୁଯାୟୀ ଗୋଟିଏ ଜୀବର ଆତ୍ମା ମରେନା। ତାହା କୌଣସି ନା କୌଣସି ରୂପ ନେଇ ପୁଣିଥରେ ଆତ୍ମପ୍ରକାଶ କରେ। ଆମମାନଙ୍କ ପାଇଁ ଏହା କେବଳ ଗୋଟିଏ ପୌରାଣିକ କଥା। ଯଦି ହାର୍ଭାଡର ଗବେଷକମାନେ ରିସାଇକ୍ଲିଂ ଜରିଆରେ କିଛି ନୂଆ ଉଦ୍ଭାବନ କରନ୍ତି ଅର୍ଥାତ୍ ଗୋଟିଏ ଜୀବ ବା ଉଦ୍ଭିଦରୁ ଆଉ ଏକ ତତ୍ତ୍ୱର ସୃଷ୍ଟିହୁଏ ତା'ହେଲେ ଉପରୋକ୍ତ ପୌରାଣିକ କଥାଟି ଯେ ସତ୍ୟ ସେଥିରେ ଆଉ ସନ୍ଦେହ କରାଯାଇପାରିବ ନାହିଁ।

ବ୍ୟାକ୍ ପେଜ୍





# କଦଳୀରେ କାରିଗରି

କଦଳୀ କେବଳ ଖାଇବା ପାଇଁ ନୁହେଁ ଏଥିରେ ସୁନ୍ଦର କଳାକୃତି ବି କରାଯାଇପାରେ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଫିଲିପାଇନ୍ସର ଗ୍ରାଫିକ ଡିଜାଇନର୍ ହନି। ସେ ନିଜର ଅବସର ସମୟରେ କଦଳୀ ଉପରେ କରନ୍ତି ବିଭିନ୍ନ ଅର୍ଗାନିକ୍ ୱାର୍କ ବା ସୁନ୍ଦର ଚିତ୍ର। ସେ ପୁଣି ଏକ ସାଧାରଣ ସେଫ୍ଟି ପିନ୍ ସାହାଯ୍ୟରେ। ମର୍ସିଡିଜ୍ ବେଞ୍ଜ, ସେଇକୋ, ୟାମାହା, ତାକାମାଇନ୍, କାରୋ, ଭଲ୍‌ଭୋ ପରି କମ୍ପାନୀରେ ହନି କାମ କରିଛନ୍ତି। ତେବେ ଏହାପୂର୍ବରୁ ହିଁ ସେ ଥିଲେ ବେଶ୍ ସୃଜନଶୀଳ। ସେ ସବୁବେଳେ ନିଜର ସୃଜନଶୀଳତାକୁ ବଢାଇବା ପାଇଁ ପ୍ରୟାସ କରି ଆସିଛନ୍ତି। ସେ କହନ୍ତି, 'ମୁଁ ଯେତେବେଳେ କମ୍ପ୍ୟୁଟର ସାମ୍ନାରେ ନ ଥାଏ କିଛି ନା କିଛି ସୃଜନଶୀଳ କାମ କରିବାକୁ ଭଲ ପାଏ। ଖାସ୍‌କରି ଫଳରେ ଅନେକ କାରିଗରି କରେ। ତେବେ କଦଳୀରେ ବିଭିନ୍ନ କାରିଗରି କରିବାକୁ ମତେ ବେଶି ଭଲ ଲାଗିଥାଏ। ମୁଁ କଦଳୀର ଚୋପା ଉପରେ ସେଫ୍ଟିପିନ୍ ଫୋଡି ଫୋଡି ଚିତ୍ର କରିଥାଏ। ବାୟୁ ସଂସ୍ପର୍ଶରେ ଆସି ସେଗୁଡିକ କଳା ପଡି ଏକ ସୁନ୍ଦର ପେଣ୍ଟିଂ ପରି ଦେଖାଯାଏ। ଗୋଟିଏ ଚିତ୍ର କରିବାକୁ ମତେ ଦେଢରୁ ଦୁଇ ଘଣ୍ଟା ସମୟ ଲାଗିଥାଏ। ତା'ପରେ ଏହାର ଫଟୋ ଉଠାଏ। ଆଉ ପରେ କଦଳୀକୁ ଖାଇଦିଏ। ଏଥିରୁ ମତେ ବେଶ୍ ଆନନ୍ଦ ମିଳିଥାଏ।'



# ନର୍କ ଗୁମ୍ଫା

ଭିଏତ୍‌ନାମର ଦା ନାଙ୍ଗରେ ମାର୍ବଲ ପର୍ବତରେ ଏକ ବଡ଼ ଗୁମ୍ଫା ଅଛି, ଯାହା ପରିଚିତ ଅମ୍ ଫୁ ତଥା ହେଲ୍ କେଭ୍ ଭାବେ। ଏହା ମଧ୍ୟରେ ଅନେକ ଗୁମ୍ଫା ରହିଛି, ଯାହା ଭିତରେ ଅନେକ ଭୟଙ୍କର ରାକ୍ଷସ, ସଇତାନ, ମୃତ୍ୟୁର ବିଭିନ୍ନ ଦୃଶ୍ୟ, ବିଭିନ୍ନ ଭୟଙ୍କର ଦଣ୍ଡର ପ୍ରତିମାର ମୂର୍ତ୍ତି ରହିଛି। ତେଣୁ ଏହାକୁ ନର୍କ ଗୁମ୍ଫା ବୋଲି କୁହାଯାଏ। ଏହି ନର୍କ ଗୁମ୍ଫାକୁ ପହଞ୍ଚିବାକୁ ହେଲେ ଅନେକ ଗୁମ୍ଫା ଅତିକ୍ରମ କରି ଯିବାକୁ ହୁଏ। ଊନବିଂଶ ଶତାବ୍ଦୀରେ କିଙ୍ଗ ମିନ ମାଙ୍ଗ ଏହାକୁ ଆବିଷ୍କାର କରିବା ସହ ଏହାର ନାମକରଣ ବି କରିଥିଲେ। ଉକ୍ତ ପର୍ବତର ଉପରଭାଗକୁ ସ୍ୱର୍ଗ ବୋଲି ବି କୁହାଯାଏ। ସେଠାକୁ ପହଞ୍ଚିବା ପାଇଁ ସୁନ୍ଦର ପାହାଚ କରାଯାଇଛି। ତା'ସହ ଗୁମ୍ଫାର କାନ୍ଥରେ ଅନେକ ସୁନ୍ଦର ଚିତ୍ର ଖୋଦେଇ ହୋଇଛି। ବୁଦ୍ଧ ଦେବଙ୍କ ପ୍ରତିମୂର୍ତ୍ତି ଓ କାନ୍ଥରେ ତାଙ୍କର ଖୋଦେଇ ଚିତ୍ର ଏହା ମଧ୍ୟରେ ଦେଖିବାକୁ ମିଳେ।



# ଫୋନ୍ ନେଇଥିଲା ଅନେକ ଜୀବନ

କୌଣସି ଫୋନ୍ ଯେ, ଅନେକ ଲୋକଙ୍କ ମୃତ୍ୟୁର କାରଣ ସାଜିପାରେ ଏହା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏହା ପଛରେ ରହିଛି ଏକ ନିରାଟ ସତ୍ୟତା। ଉକ୍ତ ଟେଲିଫୋନ୍‌କୁ ୧୯୪୫ ମସିହାର ବୋଲି କୁହାଯାଉଛି। ୨୦୧୭ରେ ଏହି ଫୋନ୍‌କୁ ଆମେରିକାରେ ନିଲାମ କରାଯାଇଥିଲା। ଆଉ ଏହା ପ୍ରାୟ ୨ କୋଟି ଟଙ୍କାରେ ବିକ୍ରି ହୋଇଥିଲା। ଯଦିଓ ଏହାକୁ କିଏ କିଣିଲେ ତାହା ଜଣାଯାଇ ନ ଥିଲା। ତେବେ ଏହି ଫୋନ୍‌ର ମୂଲ୍ୟ ଏତେ ହେବା ପଛର କାରଣ ହେଉଛି ଯେ, ଉକ୍ତ ଫୋନ୍ ପୃଥିବୀର ସବୁଠାରୁ କ୍ରୂର ଶାସକ ମଧ୍ୟରେ ଜଣେ ତଥା ଜର୍ମାନୀ, ନାଜିଦଳର ମୁଖ୍ୟ ହିଟଲର୍‌ଙ୍କର ଥିଲା। ପ୍ରଥମେ ଏହି ଫୋନ୍ କଳାରଙ୍ଗର ଥିଲା। ପରେ ତାକୁ ଲାଲ ରଙ୍ଗରେ ରଙ୍ଗା ଯାଇଥିଲା। ଏଥିରେ ହିଟଲରଙ୍କର ନାଁ ଓ ଲୋଗୋ ବି ଦେଖିବାକୁ ମିଳେ। କିଛି ରିପୋର୍ଟ ମୁତାବକ, ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବାପରେ ୧୯୪୫ରେ ଏହି ଟେଲିଫୋନ୍‌କୁ ବର୍ଲିନ୍‌ରେ ହିଟଲର୍‌ଙ୍କ ବଙ୍କରରୁ ଉଦ୍ଧାର କରାଯାଇଥିଲା। ସେବେଠାରୁ ୨୦୧୭ ତଥା ନିଲାମ ପର୍ଯ୍ୟନ୍ତ ଏହାକୁ ଏକ ବାକ୍ସରେ ସାଇତିକି ରଖାଯାଇଥିଲା। ହିଟଲର୍‌ଙ୍କୁ ଏହି ଫୋନ୍ ୱେରମେଚ୍ ପ୍ରଦାନ କରିଥିଲେ। କୁହାଯାଉଛି ୪୦ ଦଶକରେ ଏହି ଫୋନ୍ ମାଧ୍ୟମରେ ହିଟଲର୍ ନାଜି ସୈନିକଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବନ୍ଧକ ରଖାଯାଇଥିବା ଲୋକଙ୍କୁ ଗୁଳି ମାରି ଅବା ଗ୍ୟାସ୍ ଚାମ୍ବରରେ ଜଳାଇ ମାରିବା ପାଇଁ ଆଦେଶ ଦେଉଥିଲେ। ହିଟଲର୍ ଇହୁଦୀଙ୍କର ଶତ୍ରୁ ଥିଲେ। କୁହାଯାଏ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପୋଲାଣ୍ଡରେ ହିଟଲରଙ୍କ ନାଜି ସେନାଙ୍କ ଯାତନାରେ ଶିବିରର ପ୍ରାୟ ୧୦ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ, ଯେଉଁଥିରେ ଅଧିକାଂଶ ଇହୁଦୀ ଥିଲେ। ନାଜିଙ୍କର ଏହି ଯାତନା ଶିବିର ପୋଲାଣ୍ଡରେ ଅଛି।

